# ଉପୁଡିଲା ଗଛ, ଭାଙ୍ଗିଲା ଘର

**ନବରଙ୍ଗପୁର/ଡାବୁଗାଁ/ପାପଡାହାଣ୍ଡି, ୨୭।୫(ବି.ପ୍ର./ଡି.ଏନ.ଏ)**



ରାଜ୍ୟ ରାଜପଥ ଉପରେ ଗଛ ପଡିଛି।



ପାପଡାହାଣ୍ଡି ଠାରେ ଘରର ଆଜବେଷ୍ଟସ ଉଡାଇ ନେଇଛି।

- କୁଆପଥର ମାଡରେ ଫସଲ କ୍ଷତିଗ୍ରସ୍ତ
- ବାଇକରେ ଯାଉଥିବା ବେଳେ ୨ ଆହତ
- ଗଛ ପଡି ରାସ୍ତା ଅବରୋଧ
- ଖୁଣ୍ଟି ଭାଙ୍ଗିଯିବାରୁ ବିଦ୍ୟୁତ ସରବରାହ ବ୍ୟାହତ
- କ୍ଷତିଗ୍ରସ୍ତଙ୍କ ଦୁର୍ଦ୍ଦଶା ବଢାଇଲା

ନବରଙ୍ଗପୁର ଜିଲାର ଡାବୁଗାଁ, କୋଷାଗୁମୁଡା, ପାପଡାହାଣ୍ଡି, ଝରିଗାଁ ଓ ସଦର ବ୍ଲକରେ ସୋମବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ କୁଆପଥର ବର୍ଷା ହେବା ସହ ଜୋରରେ ପବନ ବୋହିଥିଲା। ବହୁ ଚାଳ ଓ ଟିଣ ଘରର ଛପର ଉଡିଯିବା ସହ ଗଛ ପଡି ରାସ୍ତା ଅବରୋଧ ହୋଇଛି। ବହୁ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡି ଯିବା ସହ ଖୁଣ୍ଟ ଭାଙ୍ଗିଯାଇ ଥିବାରୁ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି।

ଡାବୁଗାଁ ବ୍ଲକର ଝାଲିଆଗୁଡା ଜଙ୍ଗଲ ଦେଇ ଯାଇଥିବା ଡାବୁଗାଁ– ଉମରକୋଟ ୩୯ ନଂ ରାଜ୍ୟ ରାଜପଥ ଉପରେ ୭ରୁ ୮ଟି ଗଛ ପଡି ରାସ୍ତା ଅବରୋଧ ହୋଇଥିଲା । ପ୍ରାୟ ୨ଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଘଟଣାସ୍ଥଳରେ ଡାବୁଗାଁ ଅଗ୍ନିଶମ ଓ ବନବିଭାଗ କର୍ମଚାରୀ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲେ। ସେହିପରି ଝାଲିଆଗୁଡା ଗ୍ରାମରେ ଗୁରୁବାରୁ ଭତ୍ରା, ପଦଲାମ ଜାନି, ଚମ୍ପାଭତ୍ରା, କୁମର ଭତ୍ରା, ବିଷମ ଭତ୍ରା, ଧନର ଭତ୍ରା, ଲଛମନ ଭତ୍ରା, ସମା ଭତ୍ରା, ଅର୍ଜୁନ ଲହରା, ନରସିଂ ଭତ୍ରା, ତ୍ରିବେଣୀ ଭାଟ, ବାଲି ମାଙ୍ଗଲୀ, ରାଜୁ ଜାନି ଓ ପୂର୍ଣ୍ଣ ଭତ୍ରାଙ୍କ ସମେତ ପ୍ରାୟ ୨୦ଜଣଙ୍କ ଘର ଛପର ଉଡିଯାଇଛି । ଏହାସହ ଡାବୁଗାଁ ସଦର ମହକୁମା ଓ ଆଖପାଖ ଗ୍ରାମରେ ମଧ ଘର ଭାଙ୍ଗିବା ସହ ଗଛ ଭାଙ୍ଗିପଡିଛି । କେତେକ ସ୍ଥାନରେ ଗଛ ପଡି ବିଦ୍ୟୁତ ତାର ଛିଣ୍ଡି ଯାଇଥିବା ବେଳେ ଧାମନାଗୁଡାରେ ୩ଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି। ଫଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଏହି ସମୟରେ କଳାହାଣ୍ଡି ଜିଲାର କୋକସରା ଗ୍ରାମର ଭବିଷ୍ୟ ପାଣିଗ୍ରାହୀ ଓ ଜୟପାଟଣା ଗ୍ରାମର ଭାରତ ଭୂଷଣ ଛିତି ଉମରକୋଟ ବାଇକରେ ଯାଉଥିବା ବେଳେ ଝାଲିଆଗୁଡା ନିକଟରେ କୁଆପଥର ମାଡ ଓ ପବନରେ ପଡିଯାଇ ଆହତ ହୋଇଥିଲେ। ପାପଡାହାଣ୍ଡି ବ୍ଲକରେ ସୋମବାର ପୁଣି ଥରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ପବନ ସହ କୁଆ ପଥର ବର୍ଷା ହୋଇଛି । ଘରର ଛପର ଉଡାଇ ନେବା ସହ ବଡ ବଡ ଗଛ ପଡି ଘର ଭାଙ୍ଗିଯାଇଛି। । ବିଶେଷ କରି ରବିବାର କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି। ବର୍ଷା ମାଡ଼ରେ ଘର କାନ୍ଥ ଗୁଡିକ ନଷ୍ଟ ହୋଇଯାଇଛି । ରବିବାର କାଳବୈଶାଖୀରେ ତୁମ୍ବର୍ଲା। ପଞ୍ଚାୟତ ରାଜାମାଟୁ ଓ ଲୋହାରକାନି ଅଞ୍ଚଳରେ କ୍ଷୟକ୍ଷତି ହୋଇଥିବା ଶତାଧିକ ପରିବାରଙ୍କୁ ପ୍ରଶାସନ ତରଫରୁ ପଲିଥିନ ଖଣ୍ଡେ ଦିଆଯାଇ ନାହିଁ । ବହୁ ପରିବାର ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି। ନିଜସ୍ୱ ଉଦ୍ୟମରେ କେତେ ଜଣ ଲୋକ ନିଜ ଘର ସଜାଡୁ ଥିବା ବେଳେ ଯାହାର ଆଜବେଷ୍ଟସ ଭାଙ୍ଗି ନଷ୍ଟ ହୋଇଛି ସେମାନଙ୍କ ଘର ସେମିତି ହିଁ ରହିଛି ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି । ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା କେବଳ କ୍ଷୟକ୍ଷତି ଆକଳନ କରାଯାଇଛି । କୋଷାଗୁମୁଡା, ଡାବୁଗାଁ ଓ ପାପଡାହାଣ୍ଡି ବ୍ଲକର ବିଭିନ୍ନ ସ୍ଥାନରେ କୁଆପଥର ମାଡରେ ରବି ଋତୁ ଧାନ ନଷ୍ଟ ହେବା ସହ ପନିପରିବା ଚାଷ ନଷ୍ଟ ହୋଇଛି । ପବନରେ ଗଛରୁ ଆମ୍ବଗୁଡିକ ପଡି ନଷ୍ଟ ହୋଇଯାଇଛି। ଧାନ,ମକା ଅମଳ ସମୟ ହୋଇଥିବାରୁ ଏଭଳି କାଳବୈଶାଖୀ ଚାଷୀଙ୍କ ଚିନ୍ତା ବଢାଇ ଦେଇଛି।

## ମାନବିକତା ଦେଖାଇଲେ ରାଇଘର ଥାନା ଅଧିକାରୀ

**ଡାବୁଗାଁ/ଉମରକୋଟ, ୨୭।୫(ଡି.ଏନ.ଏ)**



ଚିକିତ୍ସିତ ହେଉଥିବା ଭବିଷ୍ୟ ପାଣିଗ୍ରାହୀ

ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକରେ ସୋମବାର କାଳବୈଶାଖୀ ପ୍ରଭାବରେ କୁଆପଥର ବର୍ଷା ଓ ପବନ ହୋଇଥିଲା। ଏହି ସମୟରେ କଳାହାଣ୍ଡି ଜିଲାର କୋକସରା ଗ୍ରାମର ଭବିଷ୍ୟ ପାଣିଗ୍ରାହୀ ଓ ଜୟପାଟଣା ଗ୍ରାମର ଭାରତ ଭୂଷଣ ଛିତି ଉମରକୋଟ ବାଇକରେ ଯାଉଥିବା ବେଳେ ଝାଲିଆଗୁଡା ନିକଟରେ କୁଆପଥର ମାଡ ଓ ପବନରେ ଆହତ ହୋଇ ରାସ୍ତା ଉପରେ ପଡିଥିଲେ। ବର୍ଷା ମାଡରେ ଭବିଷ୍ୟ ଅଚେତ ହୋଇ ଯାଇଥିଲେ। ଏହି ସମୟରେ ରାଇଘର ଥାନା ଅଧିକାରୀ ସରୋଜିନୀ ସମଦ ନବରଙ୍ଗପୁରରୁ ରାଇଘର ଫେରୁଥିଲେ। ଭବିଷ୍ୟ ଓ ଭାରତ ରାସ୍ତାରେ ପଡିଥିବା ଦେଖି ସେମାନଙ୍କୁ ଉଦ୍ଧାର କରି ଉମରକୋଟ ଡାକ୍ତରଖାନା ଆଣିଥିଲେ। ଡାକ୍ତର ପହଞ୍ଚିବା ପୂର୍ବରୁ ଭବିଷ୍ୟଙ୍କ ବେଡ ନିକଟରେ ଥାନା ଅଧିକାରୀ ବାହରୁ କାଠିକୁଟା ଆଣି ନିଆଁ ଲଗାଇ ତାଙ୍କ ଶରୀରକୁ ଗରମ ରଖିବା ପାଇଁ ଚେଷ୍ଟା କରିଥିଲେ। ଏପରିକି ତେଲ ଆଣି ମଧ ମାଲିସ କରିଥିଲେ। ଥାନା ଅଧିକାରୀ ଏବଂ କର୍ମଚାରୀମାନେ ଭବିଷ୍ୟଙ୍କ ସେବାରେ ଲାଗି ପଡିଥିଲେ। ଡାକ୍ତର ସବ୍ୟସାଚୀ ଦାସ ଆସି ଭବିଷ୍ୟଙ୍କ ଚିକିତ୍ସା କରିବା ପରେ ସେ ସୁସ୍ଥ ହୋଇଥିଲେ। ବର୍ଷା ମାଡରେ ଭବିଷ୍ୟଙ୍କ ଶରୀର ଥଣ୍ଡା ହୋଇଯାଇଥିଲା। ଏପରିକି ତାଙ୍କ ଶରୀରରୁ ପଲ୍ସ ମିଳୁ ନ ଥିଲା। ଟିକେ ବିଳମ୍ବ ହୋଇଥିଲେ ଜୀବନ ଚାଲି ଯାଇଥାନ୍ତା। ଠିକ ସମୟରେ ଥାନା ଅଧିକାରୀ ତାଙ୍କୁ ଡାକ୍ତରଖାନା ଆଣିଥିବାରୁ ଭବିଷ୍ୟଙ୍କ ଜୀବନ ବଞ୍ଚିଗଲା ବୋଲି ଡାକ୍ତର କହିଛନ୍ତି।

## ସଂକ୍ଷେପରେ

### ନାବାଳିକା ଅପହରଣ

ଡାବୁଗାଁ,୨୭।୫(ଡି.ଏନ.ଏ)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଏକ ଗ୍ରାମରୁ ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ଗତ ୨୫ ତାରିଖରେ ଜଣେ ନାବାଳିକା ଘରୁ ବାହାରକୁ ଯାଇଥିଲେ। ରାତି ଅଧିକ ହେବାରୁ ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କିନ୍ତୁ ସନ୍ଧାନ ପାଇ ନ ଥିଲେ। ସାନଓଲମା ଗ୍ରାମର କୈଳାସ ହରିଜନଙ୍କ ସହ ୨ ଜଣ ଯୁବକ ନାବାଳିକାଙ୍କୁ ଅପହରଣ କରିଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ସନ୍ଧ୍ୟାରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନାରେ ନଂ .୭୪/୧୯ରେ ଏକ ମାମଲା ରୁଜୁ ହୋଇଛି।

### ଆମ ପୋଲିସ ସମିତି ବୈଠକ

ଦାମନଯୋଡ଼ି, ୨୭।୫ (ଡି.ଏନ୍.ଏ.) ଦାମନଯୋଡ଼ି ଆଦର୍ଶ ଥାନା ପକ୍ଷରୁ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଗୌରହରି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା, ଟ୍ରାଫିକ୍ ବ୍ୟବସ୍ଥା, ବ୍ୟାଙ୍କ ଉପଭୋକ୍ତାଙ୍କୁ ଅଜଣା ବ୍ୟକ୍ତି ଫୋନ୍ କରି ଏଟିଏମ୍ କାର୍ଡ ନମ୍ବର ଓ ସିକ୍ରେଟ୍ କୋଡ ମାଗିବା, ଗ୍ରାମାଞ୍ଚଳରେ ଗୁଣିଗାରେଡି, ଝଡାଫୁଙ୍କା ଓ ଡାହାଣୀ ସନ୍ଦେହ, ଶିଶୁବଳି ଆଦି ଅନ୍ଧବିଶ୍ୱାସ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଦ୍ରୁତ ଗତିରେ ଗାଡି ନ ଚଲାଇବା, ଡ୍ରାଇଭିଂ ଲାଇସେନ୍ସ ନ ଥାଇ ପିଲାମାନଙ୍କୁ ଗାଡି ଚଲାଇବାକୁ ନ ଦେବା, ହେଲ୍‌ମେଣ୍ଟ ପିନ୍ଧିବା ଏବଂ ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ନ କରିବା ଉପରେ ଆଲୋକପାତ କରାଯାଇଥିଲା। ଜୁଆ ଖେଳ ବନ୍ଦ କରିବା, ରାସ୍ତାଘାଟରେ ମଦ ପିଇବା ସହ ବେଆଇନ ଭାବେ ବିକ୍ରି ହେଉଥିବା ଦେଶୀ ଓ ବିଦେଶୀ ମଦ ଆଡ୍ଡାଗୁଡିକୁ ବନ୍ଦ କରିବା, ଭେଜାପୁଟ ଓ ମାଥାଲପୁଟରେ ବେଆଇନ ନିଶା ଇଞ୍ଜେକ୍‌ଶନ୍, କୋଡିନ୍ ଜାତୀୟ କଫ ସିରପ, ଗଞ୍ଜେଇ ବିକ୍ରି ଆଦି ବନ୍ଦ କରାଯିବା ନେଇ ଆଲୋଚନା ହୋଇଥିଲା। ଏ ସବୁ ବେଆଇନ କାର୍ଯ୍ୟକଳାପ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ କହିଥିଲେ। ବୈଠକରେ ମରିଚମାଳ ସରପଞ୍ଚ ଲକ୍ଷ୍ମୀ ମସ୍ତିପୁଟିଆ, ବାବୁଲି ସ୍ୱାଇଁ, ସୁରେନ୍ଦ୍ର ନାଥ ମଲିକ, ଆଡ୍‌ଭୋକେଟ କେ. ସରସ୍ୱତୀ ପଟ୍ଟନାୟକ, ବିଙ୍ଗୁ ଜାନୀ, ଚୈତନ୍ୟ ସାହୁ, ପୀତବାସ ନାୟକ, ବୈଦ୍ୟ ଖଣ୍ଡରିଆ, ଭୀମସେନ ନାୟକ, ବିଙ୍ଗୁ ଜାନି, ପୀତବାସ ନାୟକ, ବୈଦ୍ୟ ଖଣ୍ଡରିଆ, ଭୀମସେନ ନାୟକ, ଜାମ୍ବରୀ ସାନ୍ତା,ମାନସ ରଞ୍ଜନ କର,ଥାନା ସବ୍ ଇନ୍ସପେକ୍ଟର ନଳିନୀ କୁମାରୀ କହଁର, ଦୁର୍ଗାମାଧବ ବାଘ, ଏଏସ୍‌ଆଇ ସନ୍ତୋଷ କୁମାର ପରିଡା ଓ ରାଜେନ୍ଦ୍ର କୁମାର ଖିଲ ଉପସ୍ଥିତ ଥିଲେ।

## ■ ରାଜ୍ୟ କରାଟେ ପ୍ରତିଯୋଗିତା
## ସେମିଳିଗୁଡା ଉତ୍କଳ କରାଟେ ସ୍କୁଲର ସଫଳତା




କୃତୀ ଖେଳାଳିଙ୍କ ସହ ଅନ୍ୟମାନେ।

ସେମିଳିଗୁଡା, ୨୭।୫ (ସ୍ୱ.ପ୍ର.) ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ୩୧ତମ ସବ୍ ଜୁନିୟର ରାଜ୍ୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ୨୫୦–୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ସେମିଳିଗୁଡା ଉତ୍କଳ କରାଟେ ସ୍କୁଲର ୧୪ ଜଣ ଅଂଶଗ୍ରହଣ କରିଥିଲେ। ସେମିଳିଗୁଡା ସ୍କୁଲର ଖେଳାଳିମାନେ ୨ଟି ଗୋଲ୍‌ଡ, ୭ ସିଲ୍‌ଭର, ୩ ବ୍ରୋଞ୍ଜ ପାଇଛନ୍ତି। ହର୍ଷଦ କୁମାର ୧ କାଂସ୍ୟ, ଆୟୁଷି ଅର୍ପିତା ୧ ବ୍ରୋଞ୍ଜ, ଅଭିଷେକ ପାଢ଼ୀ ୧ ବ୍ରୋଞ୍ଜ, ଦୀପ୍ତିନାମଦେଓ ୧ ସିଲ୍‌ଭର, ଏସ୍.କେ. ଆୟନରାଜ ୧ ଗୋଲ୍‌ଡ ଓ ୧ ବ୍ରୋଞ୍ଜ, ଅଦିତି ପାଣିଗ୍ରାହୀ ୧ ସିଲ୍‌ଭର, ଦିବେଶ ବରଡ ୧ ସିଲ୍‌ଭର, ଶୁଭମ୍ ନାୟକ ୨ ସିଲ୍‌ଭର, ଆରିୟାନ୍ ପଟ୍ଟନାୟକ ୨ ବ୍ରୋଞ୍ଜ, ଅନ୍‌ମୋଲ୍ ପାଢ଼ୀ ୧ ସିଲ୍‌ଭର ଓ ୧ ବ୍ରୋଞ୍ଜ, ସ୍ମୃତିରାଣୀ ବିଷୋୟୀ ୧ ଗୋଲ୍‌ଡ ଓ ୧ ସିଲ୍‌ଭର ପାଇଛନ୍ତି। ଯେଉଁ କରାଟେକା ଗୋଲ୍‌ଡ ପାଇଛନ୍ତି ସେମାନେ ନ୍ୟାଶନାଲ କରାଟେ ପ୍ରତିଯୋଗିତାରେ ଭାଗ ନେବେ ବୋଲି କୋଚ ରାଜେନ୍ଦ୍ର ସାମଲ କହିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଓଡ଼ିଶା ଉତ୍କଳ କରାଟେ ସ୍କୁଲର ମୁଖ୍ୟ କୋଚ ଡ. ସିହାନ୍‌ହରିପ୍ରସାଦ ପଟ୍ଟନାୟକ, ସେମ୍‌ସାହି ମହେଶ ବରାଳ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

## ନୂତନ ଏବିଇଓଙ୍କ ଯୋଗଦାନ

**ଚନ୍ଦାହାଣ୍ଡି,୨୭।୫(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ଏବିଇଓ ଭାବେ ରତ୍ନାକର ନାଏକ ଯୋଗ ଦେଇଛନ୍ତି। କର୍ମଚାରୀ ଓ ସିଆରସିସିମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଜନଲାଲ ମାଝିଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏବିଇଓ ପୁରୁଷୋତ୍ତମ ପାରୀ, ସିଆରସିସି ବଳଭଦ୍ର ବିଶୋଇ, ଅଭିରାମ ବଗର୍ତ୍ତୀ, ପ୍ରେମଚାନ୍ଦ ବିଶୋଇ, ପୁର୍ଣରାମ ସୁନାନୀ, ସୀମାଞ୍ଚଳ ପ୍ରସାଦ ରଥ, ବୃନ୍ଦାବନ ସାହୁ, ହୃଷିକେଷ ସାହୁ, କରେନ୍ଦ୍ର ମାଝୀ, ସୁବାସ ଚନ୍ଦ୍ର ସାହୁ, ବିପ୍ଳବ ବିଶ୍ୱାସ, ତୁଳାରାମ ମାଜି, ଜଗଦୀଶ ଗୌଡ, ତିରଣ ପୁଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ



ବୈଠକରେ ଯୋଗ ଦେଇଥିବା ଶିକ୍ଷକମାନେ।

**ଦଶମନ୍ତପୁର,୨୭।୫(ଡ଼ି.ଏନ.ଏ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ମା' ଖମ୍ବେଶ୍ୱରୀ ପୀଠ ପ୍ରାଙ୍ଗଣରେ ସୋମବାର ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ବୈଠକରେ କାର୍ଯ୍ୟକାରୀ ସଭାପତି ରତ୍ନାକର ରଥ୍ ନାୟକ ସଭାପତିତ୍ୱ କରିଥିଲେ । ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ବାସୁଦେବ କୁଲଦୀବ ସଭାପତି, ଯୋଗେନ୍ଦ୍ର ଚେଟ୍ଟି ଉପସଭାପତି, ଚୋଳଗଙ୍ଗ ବିଶୋଇ ସମ୍ପାଦକ, ଭରତ ବିଷୋଇ ଉପ ସମ୍ପାଦକ,ବାବୁନା ପାତ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ପରେ ଠିକ୍ ରୂପେ କାର୍ଯ୍ୟ କରିବା ସହିତ ସଂଘକୁ ସୁପରିଚାଳନା ଭାବେ ତୁଲାଇବା ନେଇ ସଂଘ ପକ୍ଷରୁ ଶପଥ ଗ୍ରହଣ କରାଯାଇଥିଲା । ଶେଷରେ ଶିକ୍ଷକ ତପନ ହିଆଲ ଧନ୍ୟବାଦ ଦେଇଥିଲେ ।

## ଅନ୍ଧାରରେ ଆଦର୍ଶ ଥାନା

**ନବରଙ୍ଗପୁର,୨୭।୫(ବି.ପ୍ର.)**

- ଜେନେରେଟର ଓ ଇନଭର୍ଟର ଅକାମୀ
- ମୋବାଇଲ ଟର୍ଚ୍ଚ ଓ ଇମରଜେନ୍ସି ଲାଇଟରେ କର୍ମଚାରୀ କାମ ଚଲାଉଛନ୍ତି

ନବରଙ୍ଗପୁର ଜିଲାରେ ଝରିଗାଁ,ଡାବୁଗାଁ,ପାପଡାହାଣ୍ଡି, କୋଷାଗୁମୁଡା ଓ ନବରଙ୍ଗପୁର ବ୍ଲକରେ ସୋମବାର ଅପରାହ୍ନରେ ଆରମ୍ଭ ହେଲା କାଳ ବୈଶାଖୀ । ସାଉଥକୋ ପକ୍ଷରୁ ବିଦ୍ୟୁତ କାଟ କରାଗଲା । ଅନେକ ଲୋକଙ୍କ ଘରେ ଓ ବ୍ୟବସାୟୀକ ଅନୁଷ୍ଠାନମାନଙ୍କରେ ଜେନେରେଟର ଓ ଇନଭଟର ଲଗାଇ ଲୋକ କାମ କରୁଥିବା ବେଳେ ନବରଙ୍ଗପୁର ଭଳି ଆଦର୍ଶ ଥାନା ଅନ୍ଧାରରେ ରହିଛି । ଥାନା କର୍ମଚାରୀ ଓ ଅଧିକାରୀମାନେ ମୋବାଇଲ ଟର୍ଚ୍ଚ ଓ ଇମରଜେନ୍ସି ଲାଇଟରେ କାମ ଚଲାଉଛନ୍ତି । କମ୍ପ୍ୟୁଟର ଗୁଡିକ ଚାଲି ପାରୁ ନାହିଁ । ଆଦର୍ଶ ଥାନାକୁ କୌଣସି କାର୍ଯ୍ୟରେ ଆସିଥିବା ବ୍ୟକ୍ତିମାନେ ଅନ୍ଧାରିଆ ସ୍ଥାନରେ ବସିବାକୁ ବାଧ ହେଉଛନ୍ତି । ଥାନାକୁ ସୌନ୍ଦର୍ଯ୍ୟ କରଣ କରିବା ପାଇଁ ବିଭାଗ ନିକଟରେ ଅଜସ୍ର ଟଙ୍କା ଖର୍ଚ୍ଚ କରାଗଲା । ରହିଥିବା ଜେନେରେଟର ଓ ଇନଭର୍ଟର ଅକାମୀ ହୋଇ ପଡିଛି । ବିଦ୍ୟୁତ କାଟ ହେଲେ ଅନ୍ଧାରରେ ରହୁଛି ଥାନା । ସରକାର ବିଭିନ୍ନ ଦପ୍ତର ଓ କାର୍ଯ୍ୟାଳୟଗୁଡିକରେ ଭିତ୍ତିଭୂମି ସ୍ଥାପନ ପାଇଁ ବ୍ୟାପକ ଅନୁଦାନ ଯୋଗାଉଛନ୍ତି । ତେବେ ବିଦ୍ୟୁତ କାଟ ହେଲେ ଥାନା ଅନ୍ଧାରରେ ରହୁଛି ତାହାକୁ ସଜାଡିବା ପାଇଁ କାହାର ନିଘା ନାହିଁ । ଏହାର ମରାମତି ପାଇଁ ଥାନା ଓ ଉପରିସ୍ଥ ଅଧିକାରୀଙ୍କ ବିଭାଗରେ ହୁଏତ ଅର୍ଥର ଅଭାବ ରହିଥିବ ବୋଲି ଆଲୋଚନା ହେଉଛି । ଏହି ଭଳି ପରିସ୍ଥିତିରେ କିଛି ଆଇନ ଶୃଙ୍ଖଳା ପରିସ୍ଥିତି ସହରରେ କିମ୍ବା ଥାନା ଅଞ୍ଚଳରେ ହୁଏ ତେବେ ଥାନା ଅଧିକାରୀ ଓ କର୍ମଚାରୀଙ୍କ ସ୍ଥିତି କଣ ରହିବ ତାହା ଉପରିସ୍ଥ ଅଧିକାରୀ ତଥା ଏସପି ଚିନ୍ତା କରିବାର ବେଳ ଆସିଛି ।

## ମଣ୍ଡି ନାହିଁ, ମକା ଚାଷୀ ସହୁଛନ୍ତି କ୍ଷତି

**ନବରଙ୍ଗପୁର,୨୭।୫(ବି.ପ୍ର.)**



ଭତରାସିଉନୀ ଗାଁର ଏକ ଖଳାରେ ଶ୍ରମିକମାନେ ମକା ଅମଳ କରୁଛନ୍ତି।

- ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ଦରରେ ଚାଷୀ ବିକୁଛନ୍ତି ମକା
- ଫେଲ ମାରୁଛି ଇ ଟେଡ୍ରିଂ ବ୍ୟବସ୍ଥା
- କାର୍ଯ୍ୟକାରୀ ହୋଇପାରୁନି ମକା ପ୍ରୋସେସିଂ ୟୁନିଟ

ମକାକୁ ଅର୍ଥକାରୀ ଫସଲ ଭାବେ ନବରଙ୍ଗପୁର ଜିଲାରେ ଦୀର୍ଘ ବର୍ଷ ହେବ ଚାଷୀ ଚାଷ କରୁଛନ୍ତି । ବଜାର ବ୍ୟବସ୍ଥା ନ ଥିବା କାରଣରୁ ମକା ଚାଷୀ କ୍ଷତି ସହୁଛନ୍ତି । ନବରଙ୍ଗପୁର ଜିଲାରେ ଖରିଫରେ ୬୨ ହଜାର ହେକ୍ଟର ଜମିରେ ମକା ଚାଷ ହେଉଥିବା ବେଳେ ରବିରେ ୩୪ ହଜାର ହେକ୍ଟର ଜମିରେ ମକା ଫସଲ କରାଯାଉଛି । ଖରିଫରେ ୩ ଲକ୍ଷ କୁଇଣ୍ଟାଲ ମକା ଅମଳ ହେଉଛି । ତେବେ ଜିଲାରେ ମକା ମଣ୍ଡି ବ୍ୟବସ୍ଥା ନଥିବାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରୁ ୩ ଶହ ଟଙ୍କା କମ ଦରରେ ଚାଷୀ ବାହାର ବ୍ୟବସାୟୀଙ୍କୁ ବିକ୍ରି କରିବାରେ ବାଧ ହେଉଛି । ବ୍ୟବସାୟୀ ମାନେ ବାହାର ରାଜ୍ୟ ସହ ଯୋଗାଯୋଗ କରି ଭଲ ରୋଜଗାର କରୁଛନ୍ତି । ଆକଳନ କରାଯାଇଛି ଯେ ୩ ଲକ୍ଷ କୁଇଣ୍ଟାଲ ପିଛା ୩ ଶହ ଟଙ୍କା ଲେଖାଏ ଚାଷୀ କ୍ଷତି ସହିଲେ ବାର୍ଷିକ ଖରିଫ ଋତୁରେ ଚାଷୀ ୯୦ କୋଟି ଟଙ୍କାର କ୍ଷତି ସହୁଛନ୍ତି । ଯାହାକି ବ୍ୟବସାୟୀଙ୍କୁ ମାଲାମାଲ କରୁଛି । ସାହୁକାର, ବ୍ୟାଙ୍କ ଓ ସମବାୟ ସଂସ୍ଥାରୁ ଋଣ ଆଣି ଚାଷୀ ମୁଣ୍ଡ ଝାଳ ତୁଣ୍ଡରେ ମାରି ଫସଲ ଅମଳ କରୁଛନ୍ତି । ସରକାର ପ୍ରତିବର୍ଷ ମକା ମଣ୍ଡି କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଏକ ଦର ଘୋଷଣା କରୁଛନ୍ତି । କିନ୍ତୁ ମଣ୍ଡି ବ୍ୟବସ୍ଥା ହେଉନି। ଇ–ଟ୍ରେଡିଂ ମାଧମରେ ମକା କିଣାଯିବ ବୋଲି କହୁଛନ୍ତି । ଚାଷୀଙ୍କ ମଧ୍ୟରେ ସଚେତନତା ଅଭାବ ଲାଗି ଇଟ୍ରେଡିଂ ବ୍ୟବସ୍ଥା ଫେଲ ମାରୁଛି । ଜିଲାରେ ମକା ପ୍ରୋସେସିଂ ୟୁନିଟ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି । ତେବେ ତାହା ମଧ କାର୍ଯ୍ୟକାରୀ ହୋଇ ପାରୁ ନାହିଁ । ଏହା ବ୍ୟତିତ ଜିଲାରେ ନିୟନ୍ତ୍ରୀତ ବଜାର କମିଟି ବ୍ୟବସାୟୀଙ୍କ ଠାରୁ ଟ୍ୟାକ୍ସ ବାବଦକୁ ଲାଭବାନ ହେଉଛି । ଅନ୍ୟ ପକ୍ଷେ ନିୟନ୍ତ୍ରୀତ ବଜାର କମିଟିର ଆନ୍ତରିକତା ଅଭାବ ଲାଗି ଚାଷୀଙ୍କ ନିକଟକୁ ସରକାରୀ ସୁବିଧା ପହଞ୍ଚି ପାରୁନାହିଁ । ଚାଷୀଙ୍କ ସହ ଯୋଗାଯୋଗ କରିବା, ଇଟ୍ରେଡିଂ ବଜାର ବ୍ୟବସ୍ଥା ଉପରେ ସଚେତନ କରାଇବା ଭଳି କୌଣସି କାର୍ଯ୍ୟକ୍ରମ ହୋଇ ପାରୁ ନାହିଁ । ରବି ପରେ ଖରିଫ ଚାଷ ପାଇଁ ଚାଷୀ ପ୍ରସ୍ତୁତ ହେଉଥିବାରୁ ତୁରନ୍ତ ଟଙ୍କା ଅବଶ୍ୟକ ପଡିଥାଏ । ଏନେଇ ବଜାର ବ୍ୟବସ୍ଥା ଖୋଜିବା ପୂର୍ବରୁ ସେମାନଙ୍କୁ ଟଙ୍କା ଦରକାର ପଡିଥାଏ । ସାହୁକାର ଓ ବଜାରରେ କମ ଦରରେ ମକା ବିକ୍ରୀ କରିବାକୁ ଚାଷୀ ବାଧ ହେଉଛନ୍ତି। ସରକାର ଚାଷୀଙ୍କୁ ଆକୃଷ୍ଟ କଲାଭଳି ଅନେକ ରିହାତି ଓ ଯୋଜନା ଗୁଡିକ ପ୍ରଣୟନ କରୁଛନ୍ତି । ତେବେ ତାହା ଅଧାବାଟରେ ରହି ଯାଉଛି । ନିକଟରେ କରାଯାଇଥିବା କାଳିଆ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଗଲା । ପ୍ରକୃତ ଚାଷୀ ପାଇବାରୁ ବଞ୍ଚିତ ହୋଇଛନ୍ତି । ଯାହାର ହିସାବ କୃଷି ବିଭାଗ, ଲ୍ୟାମ୍ପ, ନିୟନ୍ତ୍ରୀତ ବଜାର କମିଟି ଓ ଜିଲା ପ୍ରଶାସନ ନିକଟରେ ନାହିଁ । ଯେଉଁ ଅଧିକାରୀଙ୍କୁ ପଚାରିଲେ ତାଲିକା ପଠାଇ ଦିଆଗଲା । କିଏ ପାଇଲା ନପାଇଲା ରାଜ୍ୟରେ ତାହାର ତାଲିକା ରହିଛି ଆମ ପାଖରେ ନାହିଁ ବୋଲି କୁହନ୍ତି । ଏଥିରୁ ଜଣାଯାଏ ଯେ ସରକାରୀ ଯୋଜନା କିଭଳି ଚାଲିଛି ।

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୨୮ ମେ, ୨୦୧୯



## ସଂକ୍ଷେପରେ

### ଦ୍ରୁତ ବାଇକ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ

**ଜୟପୁର,୨୭।୫ (ଡି.ଏନ.ଏ ):** କୋରାପୁଟ ଜିଲା ଏସ.ପିଙ୍କ ନିର୍ଦ୍ଦେଶ କ୍ରମେ ଜୟପୁର ଟାଉନଥାନା ପୋଲିସ ପକ୍ଷରୁ ଦ୍ରୁତ ବାଇକ ଚାଳକଙ୍କ ଉପରେ ସୋମବାରଠାରୁ ଆରମ୍ଭ ହୋଇଛି କାର୍ଯ୍ୟାନୁଷ୍ଠାନ । ପୋଲିସ ପକ୍ଷରୁ ଏହି ଅଭିଯାନ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରଥମ ଦିବସରେ ଦୃତ ବାଇକ ଚାଳକ, ବିନା ନମ୍ବର ଏବଂ ବାଇକରେ ତିନିଜଣ ଯାତାୟାତକୁ ନେଇ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୧୧ ହଜାର ଟଙ୍କା ଜରିମାନା, ୪ ବାଇକ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ସ୍ଥଗିତ ଏବଂ ୪୦ଟି ବାଇକକୁ ଥାନାରେ ଅଟକ ରଖାଯାଇଛି । ଏହି ବାଇକ ଗୁଡିକର କାଗଜପତ୍ର ଯାଞ୍ଚ ଏବଂ ନାବାଳକ ବାଇକ ଚାଳକ ପିତାଙ୍କ ଠାରୁ ଏକ ଲିଖିତ ପତ୍ର ରଖାଯିବା ପରେ ଏହାକୁ ଛଡାଯିବ । ଜୟପୁର ସହରରେ ଯୁବକ ଓ ନାବାଳକମାନେ ଦ୍ରୁତ ଗତିରେ ବାଇକ ଚାଳନା କରୁଥିବା ନେଇ ସାଧାରଣରେ ବାରମ୍ବାର ଅଭିଯୋଗ ହୋଇ ଆସୁଛି । ଅନେକ ସମୟରେ ଦ୍ରୁତ ବାଇକ ଚାଳକମାନେ ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ଚମ୍ପଟ ମାରୁଥିଲେ । କିନ୍ତୁ ବର୍ତ୍ତମାନ ପୋଲିସର ଏହିପରି ଅଭିଯାନକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି ।

### ହାଲ୍ ମଜଦୁର ସଂଘର କର୍ମକର୍ତ୍ତା ଚୟନ

**ସୁନାବେଡ଼ା,୨୭।୫(ଡ଼ି.ଏନ.ଏ):** ସ୍ଥାନୀୟ ଏଡ଼ିଏଭି ହାଇସ୍କୁଲରେ ରବିବାର ହାଲ ମଜଦୁର ସଂଘର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୬ ଜଣ ପ୍ରାର୍ଥୀ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏଥିରୁ ୨୩ ଜଣଙ୍କୁ ଭୋଟ ମାଧ୍ୟମରେ ମନୋନୀତ କରାଯାଇଛି । ଆଗାମୀ ଦିନରେ ନୂତନ କର୍ମକର୍ତ୍ତାମାନେ ସଂଘ ପରିଚାଳନା ଦାୟିତ୍ୱରେ ରହିବେ। ପ୍ରଦୀପ ବିଶ୍ୱାଳ ସଭାପତି, ରାମ ପ୍ରସାଦ ଦାସ ସାଧାରଣ ସମ୍ପାଦକ, ପ୍ରଦୀପ ନାୟକ କାର୍ଯ୍ୟକାରୀ ସମ୍ପାଦକ, ଭୀମସେନ ସିନ୍ଧୁ କୋଷାଧ୍ୟକ୍ଷ, ବିଭୁତିଭୂଷଣ ମହାଲିକ, କେ.ସି. ମହାନ୍ତି, ସୁବ୍ରତ ସାହୁ,ସି.ବି. ଶତପଥୀ, ବନମାଳି ନାୟକ, ମହେଶ ମହାନ୍ତି, ଶଶିକାନ୍ତ ଦାସ, ଅରୁଣ କୁମାର ନାୟକ, ମାନସ କୁମାର ପାତ୍ର, ସୁଶାନ୍ତ ପାଢ଼ୀ, ବିନୋଦ ପରିଡ଼ା, ଭଗବାନ ସ୍ୱାଇଁ, ସୁଶାନ୍ତ ସ୍ୱାଇଁ, ପ୍ରଶାନ୍ତ ଜେନା, ସଞ୍ଜୀବ ମଲ୍ଲିକ, ଆନନ୍ଦ ପଟ୍ଟନାୟକ, ସୁମନ୍ତ ସ୍ୱାଇଁ, ନନ୍ଦନ ଶତପଥୀଙ୍କୁ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି ।

### ଚୋରି ମାମଲାରେ ଜଣେ ଗିରଫ

**ଜୟପୁର,୨୭।୫(ନି.ପ୍ର):** ଜୟପୁର ଟାଉନ ପୋଲିସ ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ପାଇଲ ସାହିର ଶିବଶଙ୍କର ପାତ୍ର (୨୬) । ଗତ ଗତ ମାର୍ଚ୍ଚ ୩୧ ତାରିଖରେ ମୁଖ୍ୟ ଡାକଘର ପଛପଟେ ଥିବା ଦୋକାନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା (୭୨/୧୯) ରୁଜୁ କରି ଜଣଙ୍କୁ ଗିରଫ କରିଥିଲ । ଏହି ଘଟଣାରେ ସୋମବାର ଶିବକୁ ଗିରଫ କରାଯାଇଛି ।

### ଅଂଶୁଘାତରେ ବ୍ୟକ୍ତିଙ୍କ ମୃତ୍ୟୁ ଅଭିଯୋଗ

**ଦଶମନ୍ତପୁର,୨୭।୫(ଡ଼ି.ଏନ.ଏ):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତସ୍ଥିତ ମାଣ୍ଡିଆଗୁଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ଦାନୁ ଜାନି(୫୫) । ପ୍ରଚଣ୍ଡ ଖରା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। କିଛି ଦିନ ହେବ ଦଶମନ୍ତପୁର ବ୍ଲକରେ ରୌଦ୍ରତାପ ବୃଦ୍ଧି ପାଇଛି। ପ୍ରବଳ ଖରା ସମ୍ଭାଳି ନ ପାରି ଦାନୁ ନିକଟସ୍ଥ ଆମ୍ବତୋଟାରେ ବିଶ୍ରାମ ନେବା ପାଇଁ ବାହାରିଥିଲେ । ଯାଉଥିବା ବେଳେ ଖରା ଯୋଗୁ ସେ ତଳେ ପଡ଼ିଥିଲେ। ଗାଁ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ତାଙ୍କ ସ୍ତ୍ରୀ ଡ଼ମୁଣୀ ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ତୁରନ୍ତ ଏହାର ତଦନ୍ତ କରାଯାଇ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମର ବିଜୟ କାଡ୍ରାକା, ସିଦ୍ ସାଉଁନ୍ତା, ରାଧାଇ ପ୍ରେସିକା, ପାଣ୍ଡୁ ପେରିସିକା, ଦୁର୍ଯ୍ୟୋ ପ୍ରେସିକା,ଧରମା ସାଉନ୍ତା, ସୁବୁରୀ ହିକ୍କା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ତହସିଲଦାର ଅଜୟ ପ୍ରକାଶ ତିର୍କିଙ୍କୁ ପଚାରିବାରୁ, ଏହାର ତଦନ୍ତ କରାଯାଇ ସହାୟତା ଯୋଗାଇ ଲାଗି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# କୁଆପଥର ବର୍ଷାରେ ଧାନଚାଷ ନଷ୍ଟ

**ଜୟପୁର ୨୭।୫ (ଡି.ଏନ.ଏ )**

ଜୟପୁର ବ୍ଲକର ରଣ୍ଡାପାଲୀ, କୁମୁଲିପୁଟ, ପୁଜାରୀପୁଟ, ଆମ୍ବାଗୁଡା ଗ୍ରାମ ପଞ୍ଚାୟତରେ ଗତ ରବିବାର ଅପରାହ୍ନରେ କୁଆପଥର ସହ ବର୍ଷା ହୋଇଥିଲା । ଫଳରେ ପ୍ରାୟ ୯୦୦ ଏକର ଧାନ ଚାଷ ନଷ୍ଟ ହୋଇଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ରଣ୍ଡାପାଲୀ ଗ୍ରାମପଞ୍ଚାୟତର ବାଲାପୁଟ, ବୈରାଗିମଠ, ମୂଳାସର ଏବଂ ନୂଆଗୁଡା ଗ୍ରାମର ପ୍ରାୟ ୨୦୦ ଏକର ଚାଷ ଜମି ଏହି କୁଆପଥର ବର୍ଷା ଯୋଗୁଁ ପ୍ରଭାବିତ ହୋଇଛି । ଏହିପରି ଜମିରେ ପାଚିଥିବା ୮୦ ଭାଗ ଧାନଫସଲ ଝଡିଯାଇଛି। ଏଥିରେ ବାଲାପୁଟ ଗ୍ରାମ ବାଲାଜୀ ନିଶଙ୍କ,



ସୁରେଶ ନିଶଙ୍କ ଏବଂ ଜଗଦିଶ ନିଶଙ୍କର ୨୦ ଏକର, ରାମଚନ୍ଦ୍ର ପରଜାଙ୍କ ୧ ଏକର, ଗଙ୍ଗାଧର ପାତ୍ରଙ୍କ ୫ଏକର, ସୋମନାଥ ହରିଜନ ୫ ଏକର, ମୂଳାସର ଗ୍ରାମର ଭାରତ ବିହାରୀ ପାଣିଗ୍ରାହୀଙ୍କ ୬ ଏକର, ଖଣ୍ଡିଆଗୁଡା ଗ୍ରାମର ଗଣେଶ୍ୱର ତନ୍ତୀଙ୍କ ୭ ଏକର, ଅଶୋକ ନାୟକଙ୍କ ୨ ଏକର, ବୈରାଗିମଠର ସୁଶିଳ ହରିଜନଙ୍କ ୨ ଏକର ଜମିର ପାଚିଲା ଧାନ ଫସଲ ନଷ୍ଟ ହୋଇଯାଇଛି । ସେହିପରି ଆମ୍ବଗାଡ, କୁମୁଲିପୁଟ ଏବଂ ପୁଜାରୀପୁଟ ଗ୍ରାମପଞ୍ଚାୟତର ୭୦୦ ଏକର ଚାଷ ଜମିରେ ଧାନଫସଲ ନଷ୍ଟ ହୋଇଥିବା ନେଇ ଚାଷୀ ମାନେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଚାଷୀମାନେ ଜୟପୁର ଜିଲା କୃଷି ଅଧିକାରୀଙ୍କୁ ସାକ୍ଷାତ କରିବା ସହିତ ସେମାନଙ୍କ ନଷ୍ଟ ହୋଇଥିବା ଧାନ ଫସଲ କ୍ଷତିପୂରଣ ଦେବାକୁ ଦାବି କରିବେ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି ।




'ୟୁ ଆର୍ ଅଣ୍ଡର ଆରେଷ୍ଟ' ନାଟକର ଏକ ଦୃଶ୍ୟ ।

■ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ୨ ନାଟକ ପରିବେଷିତ

**ସୁନାବେଡ଼ା,୨୭।୫(ଡ଼ି.ଏନ.ଏ)**

ସୁନାବେଡ଼ାର ଭଞ୍ଜ ମଣ୍ଡପରେ ଆୟୋଜିତ ହୋଇଥିବା ନାଟ୍ୟ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହି ସନ୍ଧ୍ୟାରେ ଦୁଇଟି ନାଟକ ପରିବେଷିତ ହୋଇଥିଲା । ଗୋଟିଏ ଥିଲା ପ୍ରଜାକୋର୍ଟ ଓ ଅନ୍ୟଟି ଥିଲା ୟୁ ଆର ଅଣ୍ଡର ଆରେଷ୍ଟ । ପ୍ରଜାକୋର୍ଟ ନାଟକରେ ପ୍ରଦୀପ ମହାନ୍ତି ନିର୍ଦ୍ଦେଶନା ଦେଇଥିବା ବେଳେ ସୀମର ରାଉତ ରଚନା କରିଛନ୍ତି । ଏଥିରେ ସମୀର, ବିଜୟ, ଚିତ୍ତ, ମାନସ, ସୁବାସ, ସନ୍ତୋଷ, ବୁଲୁ, ଜିତୁ, ଗିତାଂଶୁ ଓ ଶୁଭମ କଳାକାର ଅଭିନୟ କରିଥିଲେ । ସେହିପରି ୟୁ ଆର ଅଣ୍ଡର ଆରେଷ୍ଟ ନାଟକରେ ସୀମର ମହାପାତ୍ର ନିର୍ଦ୍ଦେଶନା ଦେଇଛନ୍ତି । ପ୍ରଭାକର ପାତ୍ର ନାଟକକୁ ରଚନା କରିଥିବା ବେଳେ ସତ୍ୟଜିତ୍ ଦାସ ସଙ୍ଗୀତରେ ରହିଛନ୍ତି । ଏହି ନାଟକ ଗୋଲଡ଼େନ୍ ମିଗ୍ କଳା ପରିଷଦ , ସୁନାବେଡ଼ା ଦ୍ୱାରା ଆୟୋଜିତ ହୋଇଥିଲା ।

# ଜୟପୁର କଳାକେନ୍ଦ୍ରର ବାର୍ଷିକ ଉତ୍ସବ

**ଜୟପୁର,୨୭।୫ (ଡି.ଏନ.ଏ )**

କୋରାପୁଟ ଜିଲା ଜୟପୁରସ୍ଥିତ କଳାକେନ୍ଦ୍ରର ୨୯ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଏମ.କେ. କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ସଭାପତି ପରେଶ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଆଇପିଏସ ଅଧିକାରୀ ଏସଡିପିଓ ସାଗରିକା ନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମନୁଷ୍ୟକୁ ମନୋରଞ୍ଜନର ଆବଶ୍ୟକତା ରହିଛି । ନୃତ୍ୟ, ସଙ୍ଗୀତ ଦ୍ୱାରା ହିଁ ଏହା ସମ୍ଭବ । ତେଣୁ ଏଥିନିମନ୍ତେ ସାଧନା ଓ ଅଭ୍ୟାସର ଆବଶ୍ୟକତା ରହିଛି । ଅନୁଷ୍ଠାନ ଦ୍ୱାରା ଏହାର ପ୍ରଚାର ପ୍ରସାର ହୋଇପାରିଛି ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦର ନିର୍ଦ୍ଦେଶକ ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପ୍ରଧ୍ୟାପକ ଡ. ରମଣୀରଞ୍ଜନ ଜେନା, ବିଶିଷ୍ଟ ଅତିଥି ସାହିତ୍ୟିକ ଡ. ଜଗବନ୍ଧୁ ସାମଲ ମଞ୍ଚାସୀନ ଥିଲେ । ଏହି ଅବସରରେ କଳାକେନ୍ଦ୍ରର ମୁଖପତ୍ର ସ୍ମରଣିକା ଏବଂ ଗୁରୁ କାହ୍ନୁଚରଣ ପ୍ରଧାନଙ୍କ ଉକ୍ତି ସଙ୍ଗୀତ ସଙ୍କଳନ 'ଅନ୍ତର ଆତ୍ମାର ସ୍ୱର' ପୁସ୍ତକ ଉନ୍ମୋଚନ କରାଯାଇଥିଲା । ବିଭିନ୍ନ କ୍ଷେତ୍ରର କଳାକାର ଭାବେ ପ୍ରକାଶ ମହାନ୍ତି, ପ୍ରଣବ ପଟ୍ଟନାୟକ, ଉମେଶ ପାଣିଗ୍ରାହୀ, ସୁଶାନ୍ତ ପ୍ରଧାନଙ୍କୁ ଶାବର ଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା । କେନ୍ଦ୍ରର ସମ୍ପାଦକ ଗୁରୁ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ସଂଯୋଜକ ଓ ମଞ୍ଚ ପରିଚାଳନା ଅଶୋକ ପଲେଇ ଏବଂ ଅଶୋକ ମହାରଣା କରିଥିଲେ । ଶେଷରେ କଳାକେନ୍ଦ୍ର କଳାକାରଙ୍କ ଦ୍ୱାରା ଓଡିଶୀ, କୋରାପୁଟିଆ ଆଦିବାସୀ ଏବଂ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା ।




କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି ।

### ନଦୀରେ ବୁଡ଼ି ମହିଳା ମୃତ

**ଲମତାପୁଟ,୨୭।୫(ଡ଼ି.ଏନ.ଏ)**

କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ଜିଲାପୁଟ ଫାଣ୍ଡିର ଖ୍ରିନ୍ମୁଙ୍ଗ ଗ୍ରାମର ଜଣେ ମହିଳାଙ୍କ ନଦୀରେ ବୁଡ଼ି ମୃତ୍ୟୁ ହୋଇଛି । ସେ ହେଲେ ଜଗନ୍ନାଥ ପରଜାଙ୍କ ସ୍ତ୍ରୀ ରଇଲା ପରଜା । ଗତ ଶୁକ୍ରବାର ସକାଳେ ରଇଲା ନିକଟସ୍ଥ ନଦୀକୁ ଲୁଗା ସଫା କରିବାକୁ ଯାଇଥିଲେ । ଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ । ବହୁତ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ହେଲେ କୌଣସି ପତ୍ତା ପାଇ ନ ଥିଲେ । ପରେ ଏନେଇ ଜିଲାପୁଟ୍ ଫାଣ୍ଡିରେ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ । ଦୀର୍ଘ ୪ ଦିନ ପରେ ସୋମବାର ମହିଳାଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏନେଇ ଏକ ଅପମୃତ୍ୟୁ ମାମଲା(୮/୧୯) ରୁଜୁ କରାଯାଇଛି ।

### ବଜ୍ରପାତରେ ଜଣେ ଆହତ

**ଜୟପୁର/ଫାମ୍ପୁଣି ୨୭।୫ (ଡି.ଏନ.ଏ )**

କୋରାପୁଟ ଜିଲା ଜୟପୁର ବ୍ଲକର ଫାମ୍ପୁଣି ଗ୍ରାମଠାରେ ସୋମବାର ଅପରାହ୍ନରେ ବଜ୍ରପାତରେ ଜଣେ ଆହତ ହୋଇଥିବା ବେଳେ ଏକ ନଡିଆ ଗଛ ଜଳିଯାଇଛି । ଆହତ ହୋଇଥିବା ବୃଦ୍ଧ ଜଣକ ହେଲେ ଜୋଗୁ ଗୌଡ (୬୦) । ସେ ଘର ଭିତରେ ବସିଥିବା ବେଳେ ବଜ୍ରପାତ ହେବାରୁ ଘରର ଆଜବେଷ୍ଟ ଭାଙ୍ଗିଯିବା ସହ ତାଙ୍କ ମୁଣ୍ଡ ଫାଟି ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ତୁରନ୍ତ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏହିପରି ଗ୍ରାମର ଉକ୍ତ ନଡିଆ ଗଛ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି । ସପ୍ତାହକ ମଧ୍ୟରେ ୪ରୁ ୫ଦିନ କୋରାପୁଟ ଜିଲାରେ କାଳବୈଶାଖୀ ପ୍ରଭାବରେ ଘଡଘଡି ସହିତ କୁଆପଥର ବର୍ଷା ହୋଇଛି । ଫଳରେ ଧନଜୀବନ ପ୍ରତି ବିପଦ ରହୁଛି ।

# ଗୁଳିମାଡ଼ରେ ଯୁବକ ଗୁରୁତର

**କୋରାପୁଟ/କୋଟପାଡ଼,୨୭।୫(ସ୍ୱ.ପ୍ର)**

କୋରାପୁଟ ଜିଲା କୋଟପାଡ ବ୍ଲକର ବତାସନା ପଞ୍ଚାୟତର କସମଗୁଡା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଗୁଳିମାଡ଼ ହୋଇଛି । ଏଥିରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ତାଙ୍କୁ ଛତିଶଗଡ ରାଜ୍ୟର ରାୟପୁର ମେଡିକାଲରେ ଭର୍ତ୍ତି କରାଯାଇଛି । ଯୁବକ ଜଣକ ହେଲେ ସତୀଶ ଗୁପ୍ତା । ଗୁଳିମାଡ଼ର କାରଣ ଜଣା ପଡ଼ି ନଥିଲେ ମଧ୍ୟ ପୂର୍ବ ଶତ୍ରୁତା କିମ୍ବା ଗଞ୍ଜେଇ କାରବାର ନେଇ ହୋଇଥିବା ସନ୍ଦେହ କରାଯାଉଛି ।

ପ୍ରବଳ ଗରମ ଯୋଗୁ ରାତିରେ ସତୀଶ ଘର ବାରଣ୍ଡାରେ ଶୋଇ ଫୋନରେ ବ୍ୟସ୍ତ ଥିଲେ । ଏହି ସମୟରେ ଏକ ବାଇକରେ ୩ ଜଣ ଯୁବକ ଆସି ତାଙ୍କୁ ଟଙ୍କା ମାଗିଥିଲେ । ସେ ନ ଦେବାରୁ ତାଙ୍କ ଉପରକୁ ଗୁଳିମାଡ କରି ଫେରାର ହୋଇଯାଇଥିଲେ । ସତୀଶଙ୍କ ଚିତ୍କାର ଶୁଣି ତାଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ କୋଟପାଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଗୁଳି ତାଙ୍କ ବେକରେ ବାଜିଥିବାରୁ ତାଙ୍କ ଅବସ୍ଥା



ସତୀଶ ଗୁପ୍ତା

ସଙ୍କଟାପନ୍ନ ରହିଥିଲା । ପରେ ଛତିଶଗଡ ଜଗଦଲପୁର ନିକଟ ଡୁମରାପାଲ ମେଡିକାଲ କଲେଜକୁ ନେଇଥିଲେ । ପରେ ରାୟପୁର ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଏଏସଆଇ ଲକ୍ଷ୍ମଣ ବାରିକଙ୍କୁ ପଚାରିବାରୁ, ଘଟଣା ବିଷୟରେ ଖବର ପାଇଛୁ । ଏନେଇ ତଦନ୍ତ ଚାଲିଛି । ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ,କୋଟପାଡ଼ ଅଞ୍ଚଳରେ ଦିନକୁ ଦିନ ଗଞ୍ଜେଇ ମାଫିଆଙ୍କ କାରନାମା ବଢୁଛି । ଗଞ୍ଜେଇ କାରବାର ନେଇ ଗତବର୍ଷ ଡ଼କାରି ନିକଟରେ ଗୁଳି କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା ।

# ବ୍ଲକ କଂଗ୍ରେସ ଜୋନ ୧ ସଭାପତିଙ୍କ ଇସ୍ତଫା

**ପଟ୍ଟାଙ୍ଗି,୨୭।୫(ଡି.ଏନ.ଏ)**

ରାଜ୍ୟରେ ସାଧାରଣ ନିର୍ବାଚନ ସରିଥିବା ବେଳେ ଏହାର ଫଳ ମଧ ପ୍ରକାଶିତ ହୋଇସାରିଛି । ଏହି ପରିପ୍ରେକ୍ଷୀରେ ସାଧାରଣ ନିର୍ବାଚନରେ ବାଜିମାତ କରିଥିବା ରାଜନୈତିକ ଦଳ ଖୁସି ମନାଉଥିବା ବେଳେ ପରାସ୍ତ ଦଳଗୁଡିକ କେଉଁ କାରଣରୁ ଦଳ ପରାସ୍ତ ହେଲା ଏହାର କାରଣ ଖୋଜିବାରେ ଲାଗିଛନ୍ତି । ଏଥିସହ ନିଜର ଭୂମିକା ଉପରେ ଅସନ୍ତୋଷ ପ୍ରକାଶ କରି ସାଙ୍ଗଠନିକ ପଦ ପଦବୀରୁ ମଧ ଇସ୍ତଫା ଦେଉଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ସଦର ତଥା ପଟ୍ଟାଙ୍ଗି ବ୍ଲକ ଜୋନ ୦୧ ସଭାପତି ନୃସିଂହ ନାଥ ବେହେରା ଇସ୍ତଫା ଦେଇଛନ୍ତି । ସେ କଂଗ୍ରେସ ଦଳର ଜଣେ ଟାଣୁଆ ତଥା ବରିଷ୍ଠ ରାଜନେତା ଥିଲେ । ପୂର୍ବରୁ ସେ ପଞ୍ଚାୟତ ସମିତି ଅଧକ୍ଷ ଭାବେ ନିର୍ବାଚିତ ହୋଇ ଲୋକଙ୍କ ପାଇଁ ଅନେକ କିଛି କାର୍ଯ୍ୟ କରିଛନ୍ତି । ଦଳର ବିଭିନ୍ନ ସାଙ୍ଗଠନିକ ପଦ ପଦବୀରେ ରହି ଦାୟିତ୍ୱ ତୁଲାଇବା ସହ ଦଳ ପାଇଁ ମଧ କାର୍ଯ୍ୟ କରି ଆସିଛନ୍ତି । କିନ୍ତୁ ଚଳିତ ସାଧାରଣ ନିର୍ବାଚନରେ ପଟ୍ଟାଙ୍ଗି ସଂରକ୍ଷିତ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର କାଡାମଙ୍କ ପରାଜୟରେ ମୁଁ ଦୁଃଖିତ । ତେଣୁ ନୈତିକ ଦାୟିତ୍ୱ ବହନ କରି ବ୍ଲକ କଂଗ୍ରେସ କମିଟି ପଟ୍ଟାଙ୍ଗି ଜୋନ ୦୧ ସଭାପତି ପଦରୁ ଇସ୍ତଫା ଦେଇଛି । ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଙ୍କ ନିକଟକୁ ଏହି ଇସ୍ତଫାପତ୍ର ପଠାଇଛି । ମୁଁ ବର୍ତ୍ତମାନ ପର୍ଯ୍ୟନ୍ତ ଦଳରେ ନିଷ୍ଠାପର କର୍ମୀ ଭାବେ କାମ କରି ଆସିଛି , ଆଗାମୀ ଦିନରେ ସକ୍ରିୟ କର୍ମୀ ଭାବେ ରହି ଦଳ ର ସାଙ୍ଗଠନିକକୁ ସୁଦୃଢ କରିବାକୁ ଉଦ୍ୟମ କରିବି । ଏହା ମୋର ଦୃଢ ସଂକଳ୍ପ । ତେଣୁ ମୋର ଇସ୍ତଫାପତ୍ର ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

# ଆଜି ଜିଲା ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତର ହେବ ଇଭିଏମ୍, ଭିଭିପିଏଟି

**ଜୟପୁର,୨୭।୫ (ଡି.ଏନ.ଏ )**

କୋରାପୁଟ ଜିଲା ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟସ୍ଥିତ ଭୋଟ ଗଣତିକେନ୍ଦ୍ରର ଷ୍ଟ୍ରଙ୍ଗରୁମର ସମସ୍ତ ଇଭିଏମ ଏବଂ ଭିଭିପିଏଟିଗୁଡିକୁ ସୋମବାର ଟିଣ ବାକ୍ସ ଗୁଡିକରେ ରଖାଯାଇଛି । ସେହିପରି ମଙ୍ଗଳବାର ସମସ୍ତ ଇଭିଏମ ଓ ଭିଭିପିଏଟିକୁ କଡା ସୁରକ୍ଷା ମଧ୍ୟରେ କୋରାପୁଟ ଜିଲା ସଦରମହକୁମା ଷ୍ଟ୍ରଙ୍ଗରୁମକୁ ପଠାଯିବାର ବ୍ୟବସ୍ଥା କରାଯାଇଛି । ଏହାକୁ ସ୍ଥାନାନ୍ତର ପୂର୍ବରୁ ସମସ୍ତ ଦଳୀୟ ପ୍ରାର୍ଥୀ ଏବଂ ପ୍ରତିନିଧିମାନେ ଉପସ୍ଥିତ ରହିବେ । ସେମାନଙ୍କ ଯାଞ୍ଚ ପରେ ଏହାକୁ ସ୍ଥାନାନ୍ତର କରାଯିବ । ଜୟପୁର ବିଧାନସଭା ଓ ଲୋକସଭାର ପ୍ରତ୍ୟେକ ୨୩୫ ବୁଥର ଏବଂ କୋଟପାଡ ବିଧାନସଭା ଓ ଲୋକସଭାର ପ୍ରତ୍ୟେକ ୨୪୩ ବୁଥର ଏହିପରି ସମୁଦାୟ ୯୫୬ ଏବଂ ଏବଂ ବ୍ୟବହୃତ ହୋଇ ନ ଥିବା ବାକି ୪୦ରୁ ଊର୍ଦ୍ଧ୍ୱ ଇଭିଏମ ଓ ଭିଭିପିଏଟିକୁ ସ୍ଥାନାନ୍ତର କରାଯିବ । ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ ଉପସ୍ଥିତିରେ ଏହାକୁ ଟିଣ ବାକ୍ସରେ ରଖାଯାଇଥିଲା । ପ୍ରକାଶ ଯେ, ନିର୍ବାଚନ ଗଣତି କିମ୍ବା ଅନ୍ୟାନ୍ୟ ବିଷୟ ନେଇ ପ୍ରାର୍ଥୀମାନେ ୪୫ ଦିନ ମଧ୍ୟରେ ସେମାନଙ୍କ ଅଭିଯୋଗ ଦାଖଲ କରିପାରିବେ । ଏହି ସମୟ ମଧ୍ୟରେ ସମସ୍ତ ଇଭିଏମଗୁଡିକର ତଥ୍ୟ ରଖାଯିବ । ଏହାପରେ ଅନ୍ୟାନ୍ୟ କୌଣସି ରାଜ୍ୟର ନିର୍ବାଚନ ଅନୁଯାୟୀ ଏହି ମେଶିନଗୁଡିକ ପଠାଯିବ ବୋଲି ଉପଜିଲାପାଳ ଲୋକନାଥ ଦଳବେହେରା ପ୍ରକାଶ କରିଛନ୍ତି ।

# ଲମତାପୁଟରେ କାଳବୈଶାଖୀ ତାଣ୍ଡବ

**ଲମତାପୁଟ, ୨୭।୫ (ଡି.ଏନ.ଏ.)**

କୋରାପୁଟ ଜିଲା ଲମତାପୁଟ ବ୍ଲକ ସଦର ମହକୁମାରେ ସୋମବାର ସନ୍ଧ୍ୟାରେ କାଳବୈଶାଖୀ ତାଣ୍ଡବ ରଚିଛି । ଫଳରେ ବ୍ୟାପକ କ୍ଷୟକ୍ଷତି ହେବା ସହ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି । ଅଳ୍ପ ସମୟ ମଧରେ ବଡ ବଡ ଗଛ ସବୁ ଲେଉଟି ପଡିଥିଲା । ଲମତାପୁଟ ଥାନା ସମ୍ମୁଖରେ ରହିଥିବା ଗୁରୁକୃପା ହୋଟେଲ ଉପରେ ଏକ ବଡ ଗଛ ପଡିଯିବାରୁ ତାହା ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯାଇଛି । ଏଥିରେ ହୋଟେଲ ମାଲିକ ପ୍ରଭାକର ନାହାକ ଆହତ ହୋଇଛନ୍ତି । ସ୍ଥାନୀୟ ଯୁବକ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେହିପରି ଫାଣ୍ଡି ଅଧିକାରୀଙ୍କ ବାସଗୃହ ଉପରେ ଏକ ଗଛ ପଡିଯାଇଛି । ଫଳରେ ତାଙ୍କ ପରିବାର ଅଳ୍ପକେ ବଞ୍ଚିଯାଇଛନ୍ତି । ଏକ ନୂତନ ଭାବେ ନିର୍ମାଣ ହୋଇଥିବା ଷ୍ଟଲ ଗୃହର ଛାତ ଉଡିଯାଇଛି ।



ଲମତାପୁଟରେ କାଳବୈଶାଖୀରେ ଘର ଉପରେ ପଡିଥିବା ଗଛ ।

# ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ, ମାଲିକ ମୃତ

**କୋରାପୁଟ,୨୭।୫(ସ୍ୱ.ପ୍ର)**

କୋରାପୁଟ ମେଡିକାଲ କଲେଜରୁ ଜଣେ ରୋଗୀଙ୍କୁ ନେଇ କାନପୁର ଯାଉଥିବା ଏକ ଆମ୍ବୁଲାନ୍ସ ନାଗପୁରଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଆମ୍ବୁଲାନ୍ସ ମାଲିକ ସୁଧୀର ପଣ୍ଡାଙ୍କ ମୃତ୍ୟୁ ହୋଇଛି । ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି । ମହାରାଷ୍ଟ୍ର କାନପୁରର ଜଣେ ଟ୍ରକ ଡ୍ରାଇଭର ଦୁର୍ଘଟଣାରେ ଗୁରୁତର ହୋଇ କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଥିଲେ । ଆହତ ଟ୍ରକ ଡ୍ରାଇଭରଙ୍କୁ ତାଙ୍କ ଗାଁରେ ଛାଡିବା ପାଇଁ ଶନିବାର ରାତିରେ କୋରାପୁଟ ସହରର ପୁଜାରିପୁଟ ଅଞ୍ଚଳରେ ରହୁଥିବା ସୁନିଲ ଆମ୍ବୁଲାନସର



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ ।

ମାଲିକ ସୁଧିର ପଣ୍ଡା ଓ ଅନ୍ୟ ଜଣେ ଡ୍ରାଇଭର କାନପୁର ବାହାରିଥିଲେ । ରବିବାର ଏହି ଆମ୍ବୁଲାନ୍ସ ନାଗପୁର-କାନପୁର ଜାତୀୟ ରାଜପଥରେ ଦ୍ରୁତ ଗତିରେ ଯାଉଥିବାବେଳେ ଡ୍ରାଇଭରଙ୍କ ଆଖି ପଡିଯିବାରୁ ଭାରସାମ୍ୟ ହରାଇ ଆମ୍ବୁଲାନ୍ସଟି ରାସ୍ତା କଡରେ ଥିବା ଏକ ଗଛରେ ପିଟିହୋଇଯାଇଥିଲା । ସୁଧୀରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ।

■ କୋରାପୁଟ ଜିଲା ଆଦର୍ଶ ବିଦ୍ୟାଳୟ

# ଦଶମ ପରୀକ୍ଷାଫଳ ନୈରାଶ୍ୟଜନକ

**ଜୟପୁର ୨୭।୫ (ନି.ପ୍ର)**

ବିନା ଖର୍ଚ୍ଚରେ ପିଲାମାନେ ଇଂରାଜୀ ପାଠ ପଢିବେ । କେତେ ଆଶା ରଖିଥିଲେ ଅଭିଭାବକ । ଭିତ୍ତିଭୂମି ନ ଥିବାରୁ ଦଶମ ପରୀକ୍ଷା ଫଳ ମଧ୍ୟ ନୈରାଶ୍ୟଜନକ । ଏହାକୁ ନେଇ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି । କୋରାପୁଟ ଜିଲାରେ ୨୦୧୬ରେ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଥିଲା । ଚଳିତ ବର୍ଷ ଏହି ବିଦ୍ୟାଳୟର ଛାତ୍ରୀଛାତ୍ର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିଲେ । ଜିଲାରେ ୧୪ଟି ବ୍ଲକରେ ୧୪ଟି ଆଦର୍ଶ ବିଦ୍ୟାଳୟ ରହିଛି । ୧୪ଟି ବିଦ୍ୟାଳୟର ୮୩୧ ଜଣ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୫୧୯ ଜଣ ପାସ୍ ହୋଇଥିବା ବେଳେ ୩୧୨ ଜଣ ଫେଲ ହୋଇଛନ୍ତି । ୨୫୬ ଜଣ କମ୍ପାର୍ଟମେଣ୍ଟଲି ଆଣିଛନ୍ତି । ୯୦ ପ୍ରତିଶତରୁ ଅଧିକ ନମ୍ବର ୫ ଜଣ ରଖିଛନ୍ତି । ସେହିପରି ୭୫ରୁ ୮୯ ପ୍ରତିଶତ ନମ୍ବର ୬୭ ଜଣ ଓ ୬୦ରୁ ୭୪ ପ୍ରତିଶତ ୧୧୮ ଜଣ ରଖିଛନ୍ତି । ଜିଲାର ବନ୍ଧୁଗାଁ ୨୮.୧୫ ପ୍ରତିଶତ, ଦଶମନ୍ତପୁର ୪୬.୬୭ ପ୍ରତିଶତ ଓ କୁନ୍ଦୁରା ଆଦର୍ଶ ବିଦ୍ୟାଳୟରେ ୪୪.୪୪ ପ୍ରତିଶତ ପାସ ହାର ରହିଛି । ୫୦ ପ୍ରତିଶତରୁ ଏହି ୩ଟି ବ୍ଲକ ପାସ ହାର କମ ରହିଛି । ରାଜ୍ୟରେ ସିବିଏସଇ ଢାଞ୍ଚାରେ ଇଂରାଜୀ ମାଧ୍ୟମରେ ମେଧା ଛାତ୍ରୀଛାତ୍ର ସୃଷ୍ଟି କରି ଓଡିଶାର ଛାତ୍ରୀଛାତ୍ର ଜାତୀୟସ୍ତରରେ କିପରି ଭାବେ ସମକକ୍ଷ ହେବେ ତାକୁ ଦୃଷ୍ଟି ରେ ରଖି ରାଜ୍ୟରେ ଆଦର୍ଶ ବିଦ୍ୟାଳୟ ଖୋଲା ଯାଇଥିଲା । ବୈପାରିଗୁଡା, ବୋରିଗୁମ୍ମା, ଜୟପୁର, କୋରାପୁଟ, କୋଟପାଡ, ଲମତାପୁଟ, ପଟାଙ୍ଗି ଓ ସେମିଳିଗୁଡା ଆଦର୍ଶ ବିଦ୍ୟାଳୟରେ ୬୦ ପ୍ରତିଶତରୁ ଅଧିକା ପାସ ହାର ରହିଛି । ଜିଲାରେ ସର୍ବୋଚ୍ଚ ପାସହାର ବୋରିଗୁମ୍ମା ଆଦର୍ଶ ବିଦୟାଳୟ ୯୨.୯୮ ପ୍ରତିଶତ ରହିଛି । ତାପଛକୁ କୋରାପୁଟ ବିଦ୍ୟାଳୟ ୮୩.୩୩ ପ୍ରତିଶତ ରହିଛି । କୁନ୍ଦୁରା ସବୁ ଠାରୁ କମ ୪୪.୪୪ ପ୍ରତିଶତ ରହିଛି । ସୂଚନାଯୋଗ୍ୟ ଯେ, ବିଦ୍ୟାଳୟ ପ୍ରତିଷ୍ଠା ହେବାର ୩ବର୍ଷ ବିତି ଯାଇଥିଲେ ମଧ୍ୟ ବହୁ ବିଦ୍ୟାଳୟରେ ଛାତ୍ରାବାସ ଖୋଲାଯାଇ ନ ଥିବାରୁ ଅଭିଭାବକମାନେ ହନ୍ତସନ୍ତ ହେଉଛନ୍ତି । ବହୁ ବିଦ୍ୟାଳୟରେ ଅଧ୍ୟକ୍ଷ ପଦବୀ ପୂରଣ ହୋଇ ପାରୁ ନାହିଁ । ଜିଲାରେ ବହୁ ଶିକ୍ଷକ ପଦବୀ ମଧ୍ୟ ଖାଲି ପଡିଛି ।

## ସଂକ୍ଷେପରେ



### ଦୁର୍ଘଟଣାରେ କାର୍ ଡ୍ରାଇଭର ମୃତ

**କାଶୀପୁର/ଟିକିରି, ୨୭।୫(ଡି.ଏନ୍.ଏ.):** ରାୟଗଡା ଜିଲା କାଶୀପୁର ଥାନା ମାରିଭଟା ଗ୍ରାମ ନିକଟରେ ସୋମବାର ଏକ ଇନୋଭା ଗାଡି ଭାରସାମ୍ୟ ହରାଇ ଓଲଟି ପଡିବାରୁ ଘଟଣାସ୍ଥଳରେ ଡ୍ରାଇଭର ପ୍ରାଣ ହରାଇଛନ୍ତି। ସେ ହେଲେ କାଶୀପୁର ଥାନା ଅଧୀନ ରେଙ୍ଗା ଗ୍ରାମର କୁଞ୍ଜବନ ନାୟକ(୩୫)। ପ୍ରକାଶ ଯେ, କୁଞ୍ଜ ଏକ ଇନୋଭା ଗାଡ଼ିରେ(ଓଡି-୧୮ଡି-୬୭୮୯) ନଂ ବିଶିଷ୍ଟ କାଶୀପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ମାରିଭଟା ଗାଁ ନିକଟରେ ଗାଡିଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ହିଁ କୁଞ୍ଜ ପ୍ରାଣ ହରାଇଥିଲେ। ଖବରପାଇ ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ। କାଶୀପୁର ପୋଲିସ ମଧ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

### ଚୋରି ମାମଲାରେ ଜଣେ ଗିରଫ

**ଜୟପୁର,୨୭।୫(ନି.ପ୍ର):** ଜୟପୁର ଟାଉନ ପୋଲିସ ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ପାଇଲ ସାହିର ଶିବଶଙ୍କର ପାତ୍ର (୨୬) । ଗତ ଗତ ମାର୍ଚ୍ଚ ୩୧ ତାରିଖରେ ମୁଖ୍ୟ ଡାକଘର ପଛପଟେ ଥିବା ଦୋକାନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା (୭୨/୧୯) ରୁଜୁ କରି ଜଣଙ୍କୁ ଗିରଫ କରିଥିଲ । ଏହି ଘଟଣାରେ ସୋମବାର ଶିବକୁ ଗିରଫ କରାଯାଇଛି ।

### ନଦୀରେ ବୁଡ଼ି ମହିଳା ମୃତ

**ଲମତାପୁଟ,୨୭।୫(ଡ଼ି.ଏନ.ଏ):** କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ଜିଲାପୁଟ ଫାଣ୍ଡିର ଖିନ୍‌ମୁଙ୍ଗ ଗ୍ରାମର ଜଣେ ମହିଳାଙ୍କ ନଦୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଲେ ଜଗନ୍ନାଥ ପରଜାଙ୍କ ସ୍ତ୍ରୀ ରଇଲା ପରଜା । ଗତ ଶୁକ୍ରବାର ସକାଳେ ରଇଲା ନିକଟସ୍ଥ ନଦୀକୁ ଲୁଗା ସଫା କରିବାକୁ ଯାଇଥିଲେ । ଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ । ବହୁତ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ହେଲେ କୌଣସି ପତ୍ତା ପାଇ ନ ଥିଲେ । ପରେ ଏନେଇ ଜିଲାପୁଟ୍ ଫାଣ୍ଡିରେ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ଦୀର୍ଘ ୪ ଦିନ ପରେ ସୋମବାର ମହିଳାଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏନେଇ ଏକ ଅପମୃତ୍ୟୁ ମାମଲା(୮/୧୯) ରୁଜୁ କରାଯାଇଛି ।

### ବଜ୍ରପାତରେ ଜଣେ ଆହତ

**ଜୟପୁର, ୨୭।୫ (ଡି.ଏନ.ଏ ):** ଜୟପୁର ବ୍ଲକର ଫାମ୍ପୁଣି ଗ୍ରାମଠାରେ ସୋମବାର ଅପରାହ୍ନରେ ବଜ୍ରପାତରେ ଜଣେ ଆହତ ହୋଇଥିବା ବେଳେ ଏକ ନଡିଆ ଗଛ ଜଳିଯାଇଛି । ଆହତ ହୋଇଥିବା ବୃଦ୍ଧ ଜଣକ ହେଲେ ଜୋଗୁ ଗୌଡ (୬୦) । ସେ ଘର ଭିତରେ ବସିଥିବା ବେଳେ ବଜ୍ରପାତ ହେବାରୁ ଘରର ଆଜବେଷ୍ଟ ଭାଙ୍ଗିଯିବା ସହ ତାଙ୍କ ମୁଣ୍ଡ ଫାଟି ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ତୁରନ୍ତ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହିପରି ଗ୍ରାମର ଉକ୍ତ ନଡିଆ ଗଛ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି । ସପ୍ତାହକ ମଧ୍ୟରେ ୪ରୁ ୫ଦିନ କୋରାପୁଟ ଜିଲାରେ କୁଆପଥର ବର୍ଷା ହୋଇଛି ।

## କୋରାପୁଟ ଲୋକ ସଭା ନିର୍ବାଚନମଣ୍ଡଳୀ

# ମୋଦି ହାୱା ସତ୍ତ୍ୱେ ଫୁଟିଲାନି ପଦ୍ମ

**ଗୁଣପୁର,୨୭।୫(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜୟୀ ପ୍ରାର୍ଥୀ ଉତ୍ସବ ମନାଉ ଥିବାବେଳେ ହାରିଥିବା ପ୍ରାର୍ଥୀମାନେ ସେମାନଙ୍କ ପରାଜୟର କାରଣ ଖୋଜିବାରେ ବ୍ୟସ୍ତ। ବିଶେଷକରି ଭାଜପାର ପରାଜୟକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଭୋଟ ପରେ ଓ ଗଣତି ପୂର୍ବରୁ ଏଥର କୋରାପୁଟ ଲୋକ ସଭା କ୍ଷେତ୍ର ଭାଜପା ଦଖଲ କରିବା ନେଇ ଚର୍ଚ୍ଚା ଧରିଥିଲା। ଦଳର ବଡ଼ବଡ଼ ନେତା ବିଭିନ୍ନ ସମୟରେ ସେଠାରେ ନିର୍ବାଚନୀ ପ୍ରଚାର କରିଥିଲେ। ମୋଦି ହାୱା ଉକ୍ତ ଅଞ୍ଚଳରେ ଜୋରରେ ଚାଲିଥିଲା ବେଳେ ଭାଜପା ତୃତୀୟ ସ୍ଥାନରେ ରହିବାକୁ ନେଇ ଏବେ ଚର୍ଚ୍ଚା। ଚଳିତ ଥର ଭାଜପାର ଭୋଟ ବୃଦ୍ଧି ହୋଇଥିଲେ ମଧ ଦଳ ବିଜୟ ଲାଭ କରି ପାରିନାହିଁ। ୨୦୧୪ ନିର୍ବାଚନରେ ଭାଜପା କୋରାପୁଟ ଲୋକ ସଭା କ୍ଷେତ୍ରରେ ୮୯,୬୭୮ ଖଣ୍ଡ ଭୋଟ ପାଇଥିବା ବେଳେ ଚଳିତ ଥର ୨, ୦୮, ୩୯୮ ଭୋଟ ପାଇଛି। ନିର୍ବାଚନ ସମୟରେ ମୋଦି ଆସି ଜୟପୁରଠାରେ ବିଶାଳ ସାଧାରଣ ସଭା କରିଥିଲେ। କିନ୍ତୁ ଭାଜପା ନିର୍ବାଚନରେ ପଛରେ ପଡିଗଲା। ଭାଜପାର ପରାଜୟକୁ ନେଇ ଲୋକେ ନାନା ମତ ଦେବାରେ ଲାଗିଛନ୍ତି। କିଏ ଦୁର୍ବଳ ସଙ୍ଗଠନକୁ ଦାୟୀ କରୁଛି ତ କିଏ ନେତୃତ୍ୱର ଅଭାବ ଓ ନିର୍ବାଚନ ପରିଚାଳନାର ଅଭାବ ସହ ପ୍ରାର୍ଥୀ ଘୋଷଣାରେ ବିଳମ୍ବକୁ ଦାୟୀ କରିଛନ୍ତି। ଅନେକ ସ୍ଥାନକୁ ଦଳୀୟ ପୋଷ୍ଟର ଏବଂ ପ୍ରଚାରପତ୍ର ପହଞ୍ଚି ନ ଥିବାବେଳେ କୋରାପୁଟ ଲୋକ ସଭା କ୍ଷେତ୍ରର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଏମ୍‌ପି ପ୍ରାର୍ଥୀ ଠିକ୍‌ଭାବେ ପ୍ରଚାର କରି ନ ଥିଲେ। ଏଥିସହ କେତେକ ସ୍ଥାନରେ ଭାଜପା ବିଧାୟକ ପ୍ରାର୍ଥୀ ଚୟନରେ ତ୍ରୁଟି, ଏହାକୁ ବିରୋଧ କରି ଆଶାୟୀମାନେ ସ୍ୱାଧୀନରେ ଲଢିଥିଲେ। ଏହାର ପ୍ରଭାବ ଏମ୍‌ପି ପ୍ରାର୍ଥୀଙ୍କ ବିଜୟରେ ପଡିଥାଇପାରେ ବୋଲି ଲୋକେ ମତ ଦେଉଛନ୍ତି। ବିଜେଡି ଏବଂ କଂଗ୍ରେସର ଗଡ କୁହାଯାଉ ଥିବା କୋରାପୁଟ ଲୋକ ସଭା କ୍ଷେତ୍ରରେ ପଦ୍ମ ଫୁଟାଇବାକୁ ହେଲେ ସେପରି କଠିନ ପରିଶ୍ରମ ସହ ସଙ୍ଗଠନର ଆବଶ୍ୟକ ଥିଲା ବୋଲି ମଧ ଚର୍ଚ୍ଚା ହେଉଛି। କେବଳ ମୋଦି ହାୱାରେ ଦଳ କର୍ମକର୍ତ୍ତାମାନେ ଜିତିବା ଆଶା ରଖିଥିଲେ। ବିଧାୟକ ଏବଂ ଏମ୍‌ପି କାର୍ଯ୍ୟ ପରିଚାଳନା ମଧରେ ସମନ୍ୱୟ ନ ଥିବା ନିର୍ବାଚନ ସମୟରେ ଦେଖିବାକୁ ମିଳିଥିଲା। ପରିଚାଳନାଗତ ଦକ୍ଷତା ଅଭାବ ମଧ ପରାଜୟର ଏକ କାରଣ ବୋଲି ଆଲୋଚନା ଚାଲିଛି। ଅପରପକ୍ଷେ ରାୟଗଡାରେ ରେଲୱେର ଡିଭିଜନ ଅଫିସ ଖୋଲିବା ଘୋଷଣା, ପିତାମହଲରେ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଶିଳାନ୍ୟାସ, ନୂତନ ପୋଷ୍ଟାଲ ଡିଭିଜନ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ଭୋଟରଙ୍କ ସମର୍ଥନ କଂଗ୍ରେସ ଏବଂ ବିଜେଡି ସପକ୍ଷରେ ଯିବାକୁ ନେଇ ଆଲୋଚନା ଚାଲିଛି। ଏସବୁ କ୍ଷେତ୍ର ପ୍ରତି ଦୃଷ୍ଟି ଦିଆଗଲେ ଭବିଷ୍ୟତରେ ଦଳକୁ ସଫଳତା ମିଳିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଭାଜପାକୁ ଅଧିକ ପୋଷ୍ଟାଲ ଭୋଟ୍

**ଗୁଣପୁର,୨୭।୫(ଡି.ଏନ.ଏ)**

କୋରାପୁଟ ଲୋକ ସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଉଲାକା ଜିତିଥିବାବେଳେ ବିଜେଡି ପ୍ରାର୍ଥୀ କୌଶଲ୍ୟା ହିକ୍‌କା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାଜପା ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଚାକିରିଆଙ୍କ ପ୍ରଥମ ପସନ୍ଦ ପାଲଟିଛି ଭାଜପା। ଇଭିଏମ୍ ଭୋଟ କଂଗ୍ରେସ ଓ ବିଜେଡି ସପକ୍ଷରେ ଯାଇଥିବା ବେଳେ ପୋଷ୍ଟାଲ ଭୋଟ୍ କ୍ଷେତ୍ରରେ ଭାଜପା ଆଗୁଆ। ଭାଜପା ପ୍ରାର୍ଥୀ ଜୟରାମ ପାଙ୍ଗୀ ଗୁଣପୁର, ବିଷମକଟକ, ରାୟଗଡା, କୋରାପୁଟ, ଲକ୍ଷ୍ମୀପୁର, ଜୟପୁର ଏବଂ ପଟାଙ୍ଗୀ ଏପରି ୭ଟି ବିଧାନସଭା ନିର୍ବାଚନ ମଣ୍ଡଳରୁ ୨୨୪୫ ଖଣ୍ଡ ପୋଷ୍ଟାଲ ଭୋଟ ପାଇଛନ୍ତି। ଦ୍ୱିତୀୟରେ ବିଜେଡି ପ୍ରାର୍ଥୀ କୌଶଲ୍ୟା ହିକ୍‌କା ୭୦୪ ଖଣ୍ଡ ଭୋଟ ପାଇଥିବାବେଳେ କଂଗ୍ରେସର ସପ୍ତଗିରି ଉଲାକା ୬୯୫ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ଏବଂ ବିଏସ୍‌ପିର ଭାସ୍କର ମୁଟୁକା ୯୬ ଭୋଟ ପାଇ ୪ର୍ଥ ସ୍ଥାନରେ ରହିଛନ୍ତି।



ବିଭିନ୍ନ ସ୍ଥାନରୁ ଆସିଥିବା ଇଭିଏମ୍ ଓ ଭିଭିପିଏଟିକୁ ସଂରକ୍ଷଣ ଗୃହକୁ ନିଆଯାଉଛି।

# ସଂରକ୍ଷଣ ଗୃହରେ ପହଞ୍ଚିଲା ଇଭିଏମ୍, ଭିଭିପିଏଟି

**ରାୟଗଡା ଅଫିସ୍/ଗୁଣପୁର, ୨୭।୫(ଡି.ଏନ୍.ଏ.)**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ହୋଇଥିବା ସଂରକ୍ଷଣ ଗୃହକୁ ସମସ୍ତ ଇଭିଏମ୍ ଓ ଭିଭିପିଏଟି ମେଶିନ ପହଞ୍ଚିଛି। ଟ୍ରକ୍ ଯୋଗେ ରାୟଗଡା ସହରର ଜିସିଡି ହାଇସ୍କୁଲ ଓ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଇଭିଏମ୍ ଓ ଭିଭିପିଏଟିକୁ ଆଣି ରଖାଯାଇଛି। ନିର୍ବାଚନ ଶେଷପରେ ଇଭିଏମ୍ ଓ ଭିଭିପିଏଟି ଗୁଡିକର ସଂରକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। କଡା ସୁରକ୍ଷାବଳୟ ମଧରେ ସେଗୁଡିକୁ ଗଣତି କରି ରଖାଯାଇଛି। ଜିଲାପାଳ ପ୍ରମୋଦ କୁମାର ବେହେରା ଓ ଜିଲା ନିର୍ବାଚନ ବିଭାଗର ସହକାରୀ ଜିଲାପାଳ ନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ମେଶିନ୍‌ଗୁଡିକୁ ଗଣତି କରି ରଖାଯାଇଥିଲା। ରାୟଗଡା ନିର୍ବାଚନ ମଣ୍ଡଳୀର ୨୯୮, ବିଷମକଟକର ୨୮୯ ଓ ଗୁଣପୁରର ୨୮୪ ବୁଥ୍‌ର ଉଭୟ ବିଧାନସଭା ଓ ଲୋକ ସଭାର ଇଭିଏମ୍ ଓ ଭିଭିପିଏଟିକୁ ସୁରକ୍ଷାର ସହ ରଖାଯାଇଛି। ଭିଭିପିଏଟି ସୁରକ୍ଷା ଦାୟିତ୍ୱରେ ସିଆର୍‌ପିଏଫ୍ ଯବାନ୍‌ମାନେ ମୁତୟନ ହୋଇଥିଲେ।

## କାଟୁ କରୁନି ସରକାରୀ କଟକଣା

# ପଲିଥିନ୍ ବିଷବଳୟରେ ପଦ୍ମପୁର ସହର

**ପଦ୍ମପୁର, ୨୭।୫ (ଡି.ଏନ୍.ଏ.)**



ଜମା ହୋଇଥିବା ଅଳିଆ।

ପଲିଥିନ୍‌ର ବିଷବଳୟ ମଧ୍ୟରେ ପଦ୍ମପୁର ସହର। କାଟୁ କରୁନି ସରକାରଙ୍କ କଟକଣା। ପ୍ରଦୁଷିତ ହେଉଛି ପରିବେଶ। ଛୋଟ ଚା' ଦୋକାନଠାରୁ ଆରମ୍ଭ କରି ବଡ ବଡ ବ୍ୟବସାୟିକ ଅନୁଷ୍ଠାନ, ସବୁଠି ପଲିଥିନ୍‌ର ବ୍ୟବହାର। ଚା', ଲସି ଓ ଜଳଖିଆ ଦୋକାନରେ ପଲିଥିନ୍ ଓ ପ୍ଲାଷ୍ଟିକ କପ୍‌ର ବ୍ୟବହାର ହେଉଛି। ରାସ୍ତାଘାଟରେ ପଡିଥିବା ପଲିଥିନ୍ ଖାଇ ଗୋରୁଗାଈମାନେ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ପଲିଥିନ୍ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି ସରକାର, କିନ୍ତୁ ବ୍ୟବସାୟୀମାନେ ଏହାକୁ ଖାତିର କରୁ ନାହାନ୍ତି। ଫଳରେ ପଦ୍ମପୁର ବଜାର ସାହିଗଳି କନ୍ଦିରେ ସବୁଠି କୁଢକୁଢ ଅଳିଆ ଓ ପଲିଥିନ୍। ପଲିଥିନ୍‌ଗୁଡିକ ଡ୍ରେନ୍ ଭିତରେ ପଶିବାରୁ

ସାମାନ୍ୟ ବର୍ଷା ହେଲେ ଡ୍ରେନ୍ ପାଣି ରାସ୍ତାରେ ଯାତାୟାତ କରୁଛି। ୫୦ ମାଇକ୍ରୋନ୍‌ରୁ ଅଧିକ ପଲିଥିନ୍ ବ୍ୟବହାର ହୋଇପାରିବ ବୋଲି ଦେଶର ସର୍ବୋଚ୍ଚ କୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଏହି ଅଞ୍ଚଳରେ ତାହା କାମ ହେଉନାହିଁ। ୨୦୧୫-୧୬ରେ ପଦ୍ମପୁର ଅଞ୍ଚଳରେ ତତ୍କାଳୀନ ତହସିଲଦାର ଟି. ପଦ୍ମନାଭ ଦୋରା, ସ୍ୱର୍ଗତ ଖବରଦାତା ପ୍ରଦୀପ କୁମାର କର ଓ ଅଞ୍ଚଳର ବୁଦ୍ଧିଜୀବୀମାନେ ପଲିଥିନ୍ ବ୍ୟବହାରକୁ ନେଇ ଲୋକଙ୍କୁ ସଚେତନ କରୁଥିଲେ। ଏଥିସହ ତହସିଲଦାର ନିଜେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ରହି ବ୍ୟବସାୟିକ ଅନୁଷ୍ଠାନଗୁଡିକରେ ଚଢ଼ାଉ କରି ପଦ୍ମପୁର ଅଞ୍ଚଳରେ ପଲିଥିନ୍ ବ୍ୟବହର ଉପରେ କଟକଣା ଲାଗୁ କରିଥିଲେ। ଫଳରେ ବ୍ୟବସାୟୀମାନେ ପେପର ଠୋଲା ବ୍ୟବହାର କରୁଥିଲେ। ପ୍ରଶାସନ ମଧ ଏବେ ଲୋକଙ୍କୁ ସଚେତନ କରିବାକୁ କୌଣସି ପଦକ୍ଷେପ ନେଉନି। ବର୍ଷାଦିନେ ଇନ୍ଦୁପୁର ସାଗର ଜଳ ଓ ସହରର ବର୍ଷା ଜଳ ପୁରାତନ ସୁନାରିଘାଇ ଦେଇ ପ୍ରବାହିତ ହେଉଥିଲା। ଏହି ଘାଇ ଏବେ ପ୍ଲାଷ୍ଟିକ୍, ପଲିଥିନ୍ ଓ ଆବର୍ଜନାରେ ପୋତି ହେବାକୁ ବସିଲାଣି। ବର୍ଷାଦିନେ ଜଳ ନିଷ୍କାସନ ଏକ ବଡ଼ ସମସ୍ୟା ହେବ ବୋଲି ଆଲୋଚନା ହେଉଛି। ପ୍ରଶାସନ ଏ ସବୁ ପ୍ରତି ଦୃଷ୍ଟି ଦେଇ ପଦ୍ମପୁର ଅଞ୍ଚଳକୁ ପଲିଥିନ୍ ବିଷବଳୟରୁ ମୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଅଂଶୁଘାତରେ ବ୍ୟକ୍ତିଙ୍କ ମୃତ୍ୟୁ ଅଭିଯୋଗ

**ଦଶମନ୍ତପୁର,୨୭।୫(ଡ଼ି.ଏନ.ଏ)**

ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତସ୍ଥିତ ମାଣ୍ଡିଆଗୁଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି।। ସେ ହେଲେ ଦାନୁ ଜାନି(୫୫) । ପ୍ରଚଣ୍ଡ ଖରା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। କିଛି ଦିନ ହେବ ଦଶମନ୍ତପୁର ବ୍ଲକରେ ରୌଦ୍ରତାପ ବୃଦ୍ଧି ପାଇଛି। ପ୍ରବଳ ଖରା ସମ୍ଭାଳି ନ ପାରି ଦାନୁ ନିକଟସ୍ଥ ଆମ୍ବତୋଟାରେ ବିଶ୍ରାମ ନେବା ପାଇଁ ବାହାରିଥିଲେ । ଯାଉଥିବା ବେଳେ ଖରା ଯୋଗୁ ସେ ତଳେ ପଡ଼ିଥିଲେ। ଗାଁ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ତୁରନ୍ତ ଏହାର ତଦନ୍ତ କରାଯାଇ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମର ବିଜୟ କାଡ୍ରାକା, ସିଦ୍ ସାଉଁତା, ରାଧାଇ ପ୍ରେସିକା, ପାଣ୍ଡୁ ପେରିସିକା, ଦୁର୍ଯ୍ୟୋ ପ୍ରେସିକା,ଧରମା ସାଉନ୍ତା, ସୁବୁରୀ ହିକ୍‌କା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଅଜୟ ପ୍ରକାଶ ତିର୍କିଙ୍କୁ ପଚାରିବାରୁ, ଏହାର ତଦନ୍ତ କରାଯାଇ ସହାୟତା ଯୋଗାଇ ଲାଗି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# ଭାଗବତ ଟୁଙ୍ଗିର ବାର୍ଷିକୋତ୍ସବ



ପୂଜାକାର୍ଯ୍ୟ ଚାଲିଛି।

**ମୁନିଗୁଡା, ୨୭।୫(ଡି.ଏନ୍.ଏ.)**

ମୁନିଗୁଡାସ୍ଥିତ ଖମଣ ସାହିରେ ମା' ସୁଭଦ୍ରା ଭାଗବତ ଟୁଙ୍ଗିରେ ଆଦିତ୍ୟ ବାହିନୀ ପକ୍ଷରୁ ଶ୍ରୀ ଭାଗବତ ମହାପୁରାଣର ବାର୍ଷିକୋତ୍ସବ ପାଳିତ ହୋଇଛି। ଏହି ଅବସରରେ ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା ବାହାରିଥିଲା। ପୂଜକ ଲଳିତ କୁମାର ମିଶ୍ର, ବଂଶୀଧର ନନ୍ଦଙ୍କ ମିଳିତ ପୌରହିତ୍ୟରେ ହୋମଯଜ୍ଞ ପୂଜାର୍ଚ୍ଚନା କରାଯାଇଛି। ଟୁଙ୍ଗି ସଭାପତି ସୁଷମା କର, ସମ୍ପାଦିକା ନମିତା ହୋତା, ଶୀମତୀ ରାଧା କର, ରୁନୁ କର, ପାରାୟଣ କର୍ତ୍ତା ଅଶୋକ କର, ମୁନିଗୁଡା ଆଦିତ୍ୟ ବାହିନୀ ସମ୍ପାଦକ ସୁଧାକର ପାତ୍ର, ରଜତ କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଗଜାକୁପୁଲି ଗ୍ରାମସ୍ଥିତ ଶ୍ରୀ ଗଜରାଜ ଭାଗବତ ଟୁଙ୍ଗିର ୨ୟ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସଭାପତି ଜଳନ୍ଧର ସାରକା, ସମ୍ପାଦିକା ରଞ୍ଜିତା ସାରକା କୋଷାଧକ୍ଷ ବିଦ୍ୟାଧର ସାହୁକାର, ଦୁର୍ଯ୍ୟୋଧନ ଦାସ, ସବିତା ବେହେରା, କଣ୍ଢେଇ ମହାନ୍ତିଙ୍କ ସମେତ ଗ୍ରାମର ସମସ୍ତ ଭାଗବତ ପ୍ରେମୀ ଉପସ୍ଥିତ ଥିଲେ। ଆଦିତ୍ୟ ବାହିନୀର ଏଭଳି ଆଧ୍ୟାତ୍ମିକତା ପାଇଁ ସମସ୍ତେ ଧନ୍ୟବାଦ ଅର୍ପଣ କରିଥିଲେ। ଉଭୟ ସ୍ଥାନରେ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

# ଜେକେପୁରରେ 'ସମ୍ପର୍କର ସେତୁବନ୍ଧ' କାର୍ଯ୍ୟକ୍ରମ

**ଜେକେପୁର, ୨୭।୫((ଡି.ଏନ୍.ଏ.)**

ଜେକେପୁରସ୍ଥିତ ଲକ୍ଷ୍ମୀପତ୍ ସିଂଘାଣିଆ ଉଚ୍ଚ ବିଦ୍ୟାଳୟରେ ୧୯୯୧ ମାଟ୍ରିକ ବ୍ୟାଚର ବନ୍ଧୁମିଳନ 'ସମ୍ପର୍କର ସେତୁବନ୍ଧ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜେକେ କାଗଜ କଳର କାର୍ଯ୍ୟନିର୍ବାହୀ ଉପସଭାପତି ପବନ କୁମାର ସୁରୀ ମୁଖ୍ୟ ଅତିଥି, ବିନୟ ଦ୍ୱିବେଦୀ, ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ସୁନୀଲ କୁମାର ନାଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ଆର୍.ଏନ୍.ମହାପାତ୍ର ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ବି.କେ. ମହାପାତ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ଆର୍.ଏନ୍. ମହାପାତ୍ର, ସ୍କୁଲର ବର୍ତ୍ତମାନର ଶିକ୍ଷକଙ୍କ ସମେତ ରାୟଗଡାର କଳାକାର ପ୍ରଶାନ୍ତ କୁମାର ନାୟକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ନମିତା ରଥ ଅତିଥି ପରିଚୟ ପ୍ରଦାନ କରଥିଲେ। ସେହିପରି ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏସ୍.ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଜେକେପୁରଠାରେ ଅନୁଷ୍ଠିତ 'ସମ୍ପର୍କର ସେତୁବନ୍ଧ' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସ୍କୁଲର ପୁରାତନ ଛାତ୍ରୀଛାତ୍ର।

## ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ରାଉରକେଲାକୁ ହରାଇ ଭୁବନେଶ୍ୱର ଚାମ୍ପିୟନ

**ଜେକେପୁର, ୨୭।୫(ଡି.ଏନ୍.ଏ.)**

ଜେକେ କାଗଜ କଳ ଓ ଜେକେ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଚାଲିଥିବା ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ଶେଖର ସ୍ପୋର୍ଟିଂ କ୍ଲବ, ରାଉରକେଲାର ଜିମଖାନା କ୍ଲବକୁ ହରାଇ ଚାମ୍ପିୟନ ହୋଇଛି।

ଭୁବନେଶ୍ୱର ଶେଖର ସ୍ପୋର୍ଟିଂ କ୍ଲବ କ୍ୟାପ୍‌ଟେନ ସନ୍ତୋଷ ଦେବକାନ୍ତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଟିମ୍ ୨୦ ଓଭରରେ ୯ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲା। ଦଳର ଶୁଭମ୍ ଶତ୍ରୁଜିତ୍ ୨୭ ବଲରୁ ୩୯ରନ୍, ସନ୍ତୋଷ ଦେବକାନ୍ତ ୩୩ ବଲରୁ ୨୬ରନ୍ ଓ ରୋହିତ ସାଗର ୨୭ ବଲରୁ ୩୨ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ରାଉରକେଲା ଦଳର ବୋଲର ରାହୁଲ ଚୌଦାର ୩ ଓଭରରେ ୨୨ ରନ ଦେଇ ୪ ଉଇକେଟ ଓ କ୍ରିଷ୍ଣା ପଲେଇ ୪ ଓଭରରେ ୧୫ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ରାଉରକେଲା ଟିମ୍ ୧୩୫ ରନର ଲକ୍ଷ୍ୟକୁ ପିଛା କରି ୯୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଟିମ୍‌ର ଆଶିଷ ପରିଜା ୩୨ ବଲରୁ ୩୫ ରନ୍ ଓ ସତୀଶ କୁମାର ୩୫ବଲରୁ ୨୭ରନ୍ ସଂଗ୍ରହ କରିଥିଲେ। ଭୁବନେଶ୍ୱର ଦଳର ବୋଲର ଆଶିଷ ପ୍ରଧାନ ୪ ଓଭରରେ ୧୭ ରନ ଦେଇ ୩ ଉଇକେଟ ଓ ଆଲୋକ ସେଠୀ ୪ ଓଭରରେ ୧୦ ରନ୍ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଭୁବନେଶ୍ୱର ଟିମକୁ ଚାମ୍ପିୟନ ଟ୍ରଫି ସହ ୩୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ରାଉରକେଲା ଟିମକୁ ରନର୍ସ ଅପ୍ ଟ୍ରଫି ସହ ୨୫ହଜାର ଟଙ୍କା ପୁରସ୍କାର ରାଶି ଜିଲାପାଳ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଖେଳାଳି ଆଶିଷ ପ୍ରଧାନଙ୍କୁ ୨୫୦୦ ଟଙ୍କା ଓ ମ୍ୟାନ ଅଫ୍ ଦି ସିରିଜ୍ ଭାବେ ୱାଲଟର ଟୋପୋଙ୍କୁ ୫୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟର ୪ଟି ଇନିଂସରେ ୧୨୨ ରନ୍ ସଂଗ୍ରହ କରିଥିବା ରାଉରକେଲା ଟିମ କ୍ୟାପଟେନ୍ ଭିକି ପ୍ରସାଦଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଟ୍ରଫି ସହ ୨୫୦୦ଟଙ୍କା ଏବଂ ୪ଟି ଇନିଂସରେ ୮ ଟି ଉଇକେଟ ନେଇଥିବା ଭୁବନେଶ୍ୱର ଟିମର ଆଲୋକ ସେଠୀଙ୍କୁ ଶ୍ରେଷ୍ଠ ବୋଲର ଟ୍ରଫି ସହ ୨୫୦୦ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଟୁର୍ନାମେଣ୍ଟକୁ ଶୃଙ୍ଖଳିତ ଭାବେ ଶେଷ କରିବାରେ ସହଯୋଗ ଏବଂ ପରିଚାଳନା ପାଇଁ ଜିଲା ପରିଷଦ ସଭ୍ୟ ପି.ଗୌରୀଶଙ୍କର ରାଓଙ୍କୁ ସ୍ୱତନ୍ତ୍ର ଆୱାର୍ଡ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଟୁର୍ନାମେଣ୍ଟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସହଯୋଗ କରିଥିବା କ୍ଲବର ସମସ୍ତ ସଦସ୍ୟଙ୍କୁ ମଧ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ରାୟଗଡ ବ୍ଲକ ଅଧକ୍ଷ ପେଦେଣ୍ଟି ରାମୁଲୁ, ଜେକେ କାଗଜ କଳର କାର୍ଯ୍ୟନିର୍ବାହୀ ଉପସଭାପତି ପବନ କୁମାର ସୁରୀ, ବିନୟ କୁମାର ଦ୍ୱିବେଦୀ, ରାୟଗଡ ଏସ୍‌ଡିପିଓ ତପନ ନାରାୟଣ ରଥ, ବରିଷ୍ଠ ଲୋକ ସଂପର୍କ ବିଭାଗ ଅଧିକାରୀ ସୁନୀଲ କୁମାର ନାଥଙ୍କ ସମେତ ଆଖପାଖ ଅଞ୍ଚଳର ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜେକେ ସ୍ପୋର୍ଟ୍ସ କ୍ଲବ ସଭାପତି ତଥା କମ୍ପାନୀ ସୁରକ୍ଷା ବିଭାଗର ବରିଷ୍ଠ ପ୍ରବନ୍ଧକ ଦୀପକ କୁମାର ସାମଲ ଧନ୍ୟବାଦ ଦେଇଥିଲେ।




ଚାମ୍ପିୟନ ଟ୍ରଫି ସହ ଟିମ୍ ଭୁବନେଶ୍ୱର।